THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073

ଏକ ନିଆରା ସାପ୍ତାହିକୀ



ସଂଘର୍ଷ ବିହୀନ ଓ ଅପରୀକ୍ଷିତ
ଜୀବନ ମୂଲ୍ୟହୀନ।
-ସକ୍ରେଟିସ୍

♦ବର୍ଷ-୨ ♦ସଂଖ୍ୟା-୨୨ ♦ବରଗଡ଼ ♦୭-୧୩ ଅପ୍ରେଲ୍ ୨୦୨୩ ♦୫ ଟଙ୍କା ♦ପୃଷ୍ଠା-୮ ♦VOL-2 ♦ISSUE- 22♦BARGARH ♦ 7-13 APRIL 2023 ♦RS.5/- ♦PAGE-8

ଭାରତରେ ଅଧିକ ମହିଳା ପାଇଲଟ୍



ପୃଷ୍ଠା-୩ →

ରିଲେସନ୍‌ରେ ଆଦିତ୍ୟ-ଅନନ୍ୟା



ପୃଷ୍ଠା-୫ →

ଏଠି ବିକାଶ ହେଉଛି ସାତ ସପନ



ପୃଷ୍ଠା-୭ →

ବଜାର ପାଉନି ପଣସ



ପୃଷ୍ଠା-୮ →

# ଲୋକସେବକଙ୍କୁ ଏ କି ସମ୍ମାନ

## ପ୍ରଥମେ ପ୍ୟାଣ୍ଟ ସାର୍ଟ, ପରେ ମଣିପୁରୀ ଷ୍ଟାଇଲ୍‌ରେ ଧୋତି ଆଉ ଏବେ ମୂର୍ତ୍ତି ଗାଏବ

ଭୁବନେଶ୍ୱର/ଅନୁଗୁଳ: ଯାହା ପାଇଁ ହାତେ ଜାଗା ହିଁ ଯଥେଷ୍ଟ, ତା ର ଛମାଣ ଆଠଗୁଣ୍ଠ କଣ ହେବ ଯେ ? ତଥାପି ପ୍ରଶାସନିକ ସ୍ତରରେ ସ୍ଥିର ହେଲା ଯେ ପ୍ରତିମୂର୍ତ୍ତି ଗଢ଼ା ହେବ । ଯାହାର ହସ ଦିନେ ଓଡ଼ିଆଙ୍କୁ ପାଉଁଶରୁ ଉଠାଉଥିଲା, ଯିଏ ଶତାବ୍ଦୀର ଆସ୍ଫାଳନ ବିରୋଧରେ ଶୂନ୍ୟବାଣୀ ଢଙ୍ଗରେ ଆବାହନୀ ମନ୍ତ୍ର ଗାଉଥିଲା । ହେଲେ ହାକିମାତି ବୋଧହୁଏ ଅଫିମନିଶାରେ ଚୂର୍ ହୋଇଥିଲେ । ତା ନ ହୋଇଥିଲେ ମୂର୍ତ୍ତିଗାକୁ ନେଇ ଯାହାସବୁ ଘଟିଲା, ତାହା କଣ ଠିକ୍ ହେଲା ? ନବକୃଷ୍ଣ ଚୌଧୁରୀ କହିଲେ ଓଡ଼ିଆଙ୍କ ଛାତିରେ ଏକ ଅଲଗା ଚେତନାର ଚିତ୍ରୋଦୟ ହୁଏ । ଗୋଟିଏ ଗୋଲ ଚଷମାରେ ଓଡ଼ିଆ ଦେଖନ୍ତି ଭିନ୍ନ ଏକ ଚିତ୍ରଦୋୟକୁ । ହେଲେ ଏବେ ସେହି ନବକୃଷ୍ଣଙ୍କ ଯେଉଁଭଳି ଭାବେ ନାରଖାର କରଗଲା ତାହାକୁ ଦେଖି ପ୍ରତ୍ୟେକ ଓଡ଼ିଆର ମୁଣ୍ଡ ଏବେ ତଳକୁ । ପ୍ରଥମେ ଅନୁଗୁଳ ସହରର ଗୋପବନ୍ଧୁ ପାର୍କ ପରିସରରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ୟାଣ୍ଟ, ବୁଟ୍ ପିନ୍ଧା ପ୍ରତିମୂର୍ତ୍ତିକୁ ନେଇ ସାରା ଓଡ଼ିଶାରେ ଦେଖାଦେଲା ତୀବ୍ର ପ୍ରତିକ୍ରିୟା । କ୍ଷମା ପ୍ରାର୍ଥନା ପରେ ଆଜୀବନ ଖଦି ଓ ଧୋତିକୁ ଆପଣେଇଥିବା ମହାପୁରୁଷଙ୍କୁ ପିନ୍ଧାଇ ଦିଆଗଲା ମଣିପୁରୀ ଷ୍ଟାଇଲ୍‌ରେ ଧୋତି । ଇତିହାସକୁ ବିକୃତ କରି ନବକୃଷ୍ଣଙ୍କ କର୍ମଭୂମି ଅନୁଗୁଳ ସହରରେ ତାଙ୍କ ପ୍ରତି ଏଭଳି ଅପମାନ ଅସହ୍ୟ ହେବା ପରେ



ଏବେ ତାଙ୍କ ପ୍ରତିମୂର୍ତ୍ତିକୁ ବାହାର କରିନିଆଯାଇଛି ।

ଗତ ଏପ୍ରିଲ ୧ ତାରିଖ ଉତ୍କଳ ଦିବସ ଅବସରରେ ଅନୁଗୁଳ ଗୋପବନ୍ଧୁ ପାର୍କରେ ଅନୁଗୁଳ ଜିଲ୍ଲାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରା ଯାଇଥିଲା । ସେମାନଙ୍କ ମଧ୍ୟରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଅନ୍ୟତମ । ହେଲେ ସ୍ୱର୍ଗତ ଚୌଧୁରୀଙ୍କ ପ୍ରତିମୂର୍ତ୍ତିକୁ ଏଭଳି କଦାକାର କରାଯାଇଥିଲା ଯେ, ସବୁ ମହଲରୁ ବିରୋଧର ସ୍ୱର ଉଠିଥିଲା । ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ତାଙ୍କ ଜୀବନ କାଳ ମଧ୍ୟରେ କେବେ ହେଲେ ପ୍ୟାଣ୍ଟ ସାର୍ଟ ପିନ୍ଧି ନାହାନ୍ତି । ସବୁବେଳେ ଖଦଡ଼, ଧୋତି ଓ ଫତେଇ ପରିଧାନ କରି →ପୃଷ୍ଠା-୭

### ଅପମାନ ପରିବର୍ତ୍ତେ, ପ୍ରତିମୂର୍ତ୍ତି ନ କରିବା ଭଲ: କୃଷ୍ଣା

ନବକୃଷ୍ଣ ଚୌଧୁରୀଙ୍କୁ ପିନ୍ଧା ଯାଇଥିବା ଧୋତିକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ନବକୃଷ୍ଣ ଚୌଧୁରୀଙ୍କ ସୁକନ୍ୟା କୃଷ୍ଣା ମହାନ୍ତିଙ୍କ ସମେତ ନବ ପ୍ରେମୀ । ସେ କହିଛନ୍ତି, ନବକୃଷ୍ଣ ଚୌଧୁରୀ ସାଧାରଣ ଓଡ଼ିଆଙ୍କ ପରି ଧୋତି ପିନ୍ଧୁଥିଲେ। ତାଙ୍କ ଧୋତି ପିନ୍ଧାରେ ରହିଥିଲା ଓଡ଼ିଆର ଠାଣି । କିନ୍ତୁ, ପ୍ରତିମୂର୍ତ୍ତିରେ ତାଙ୍କୁ ବିକୃତ କରାଯାଇଥିବା ଅଭିଯୋଗ ହୋଇଛି । ବାରମ୍ବାର ମହାପୁରୁଷଙ୍କୁ ଅପମାନ କରିବା ପରିବର୍ତ୍ତେ ପ୍ରତିମୂର୍ତ୍ତି ବରଂ ନ କରିବା ଉଚିତ ବୋଲି ଶ୍ରୀମତୀ ମହାନ୍ତି କ୍ଷୋଭର ସହ କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ମୂର୍ତ୍ତି ସ୍ଥାପନା ବା ନବକୃଷ୍ଣ ପୋଷାକ ସଂକ୍ରାନ୍ତରେ ଯଦି ପ୍ରଶାସନ ଅଜ୍ଞ ତେବେ ଏନେଇ ପ୍ରଶାସନ ନବକୃଷ୍ଣଙ୍କ ଦାୟାଦଙ୍କ ଠାରୁ ପଚାରି ବୁଝିବାର ଥିଲା । ପୌର ପ୍ରଶାସନର ଏଭଳି ମାନସିକତାକୁ ନେଇ ଉଠିଲା ପ୍ରଶ୍ନ । ତୁରନ୍ତ ତ୍ରୁଟି ସୁଧାରିବା ସହ କ୍ଷମା ପ୍ରାର୍ଥନା କରିବାକୁ ଦାବି କଲେ ନବ ପ୍ରେମୀ ।

# ନିର୍ବାଚନ ପୂର୍ବରୁ ରେଡ୍ ରାଜନୀତି

## ଆଇଟି ରେଡ୍ ବନାମ୍ ଷ୍ଟେଟ୍ ଜିଏସଟି ରେଡ୍ | ମୁହାଁମୁହିଁ ବିଜେଡି-ବିଜେପି

ଭୁବନେଶ୍ୱର: ସାଧାରଣ ର୍ନିବାଚନ ପୂର୍ବରୁ ରାଜ୍ୟରେ ଆରମ୍ଭ ହୋଇଯାଇଛି ରେଡ୍ ରାଜନୀତି । ରାଜ୍ୟରେ ଏବେ ସକ୍ରିୟ ରହିଛି ଷ୍ଟେଟ୍ ଜିଏସଟି ଏବଂ ଆୟକର ବିଭାଗ । ରାଜ୍ୟବ୍ୟାପୀ ଚାଲିଛି ଘନ ଘନ ଆଇ-ଟି ରେଡ୍ । ଲଗାତାର ତିନି ଦିନ ହେଲାଣି ଚାରିଆଡେ ଛାପା ମାରୁଛି ଆୟକର ବିଭାଗ । ମୁଖ୍ୟତଃ ଆଇ-ଟି ଟାର୍ଗେଟରେ ରହିଛନ୍ତି ନେତା ଏବଂ ନେତାଙ୍କ ସହ ଲିଙ୍କ ଥିବା ପଥର ଖାଦାନ ବ୍ୟବସାୟୀ, କ୍ରସର୍ ମାଲିକଙ୍କ ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ । ବ୍ଲକ୍ ଉପାଧ୍ୟକ୍ଷଙ୍କ ଘରେ ବି ହୋଇଛି ଆଇଟି ରେଡ୍। ଓଡିଶାର ଏକ ପ୍ରମୁଖ ରାଜନୈତିକ ଦଳର ସକ୍ରିୟ ସଭ୍ୟ ସହ ବିଭିନ୍ନ ପଦପଦବୀରେ ଥିବା ନେତାଙ୍କ ଘର, ଅଫିସ୍ ଏବେ ଆୟକର ବିଭାଗ ସ୍କାନରରେ । ସେପଟେ ବିଜେପିକୁ ସମର୍ଥନ କରୁଥିବା ଅନୁଗୋଳର କିଛି ବ୍ୟବସାୟୀଙ୍କ ଉପରେ ଷ୍ଟେଟ୍ ଜିଏସ୍‌ଟି ରେଡ୍ କରିଥିବାର ଜଣାପଡିଛି । ଯାହାକୁ ନେଇ ସରଗରମ ରହିଛି ରାଜ୍ୟ ରାଜନୀତି । ସେପଟେ ଏଭଳି ଆଇଟି ଏବଂ ଷ୍ଟେଟ୍ ଜିଏସ୍‌ଟି ରେଡ୍‌କୁ ନେଇ ତେଜିଛି ରାଜନୀତି। ମୁହାଁମୁହିଁ ହୋଇଛନ୍ତି ବିଜେଡି-ବିଜେପି । ବିଜେଡିର ଅଭିଯୋଗ, ର୍ନିବାଚନ ଋତୁ ଆସିଲେ ଏମିତି ଆଇ-ଟି ରେଡ୍ ହୁଏ । ପୂର୍ବରୁ ଏମିତି ବି ହୋଇଛି । ଗଣତନ୍ତ୍ର ପାଇଁ ଏହା ଶୁଭଙ୍କର ନୁହେଁ । ସେପଟେ ଇନ୍ କମ୍ ଟ୍ୟାକ୍ସ ଡିପାର୍ଟମେଣ୍ଟର ଏହା ରୁଟିନ୍ ୱାର୍କ କହି ଜବାବ୍ ରଖିଛି ବିଜେପି । ନୟାଗଡ଼ ଭାପୁର ବ୍ଲକ୍‌ର ଉପାଧ୍ୟକ୍ଷ ତଥା ବିଜେଡି ନେତା ବେଣୁଧର ପ୍ରଧାନଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ଏସ୍.ଏସ୍. କନଷ୍ଟ୍ରକସନ୍ ସହ ତାଙ୍କ ଘର ଓ କ୍ରସର୍ ୟୁନିଟ୍ ଉପରେ ଚାଉ ହୋଇଛି । ବାଲେଶ୍ୱର ସୋର ବ୍ଲକ୍‌ର ଉପାଧ୍ୟକ୍ଷ ତଥା ବିଜେଡି ନେତା ଭ୍ରମରବର ନାୟକ ଖାଦାନରୁ ପଥର ଖୋଳି ବ୍ୟବସାୟ କରନ୍ତି। ତାଙ୍କର କଲ୍ୟାଣ ମଣ୍ଡପ, ପେଟ୍ରୋଲ୍ ପମ୍ପ ଓ ହୋଟେଲରେ ଛାପା ମାରିଛି ଆଇଟି ବିଭାଗ । ଗଞ୍ଜାମ ଜିଲ୍ଲାର ଜଣାଶୁଣା ବାଲି ବ୍ୟବସାୟୀ କୃପାସିନ୍ଧୁ ମୁଦୁଲିଙ୍କ ବ୍ରହ୍ମପୁରସ୍ଥିତ ଘର, ଅଫିସ୍ ଓ ପୁରୁଷୋତ୍ତମପୁର କ୍ରସର୍ ୟୁନିଟ୍ ଉପରେ ଏକାସଙ୍ଗେ ହୋଇଛି ଆଇଟି ରେଡ୍। କୃପାସିନ୍ଧୁ ବିଭିନ୍ନ ସମୟରେ ବିଜେଡି ଓ ଅନ୍ୟ ଦଳକୁ ଆର୍ଥିକ ସହଯୋଗ କରୁଥିବା →ପୃଷ୍ଠା-୭

### ସମ୍ପାଦକୀୟ

ନାଁରେ କିସ ଅଛି ?

## ଅନ୍ତର୍ଯ୍ୟାମୀ-ପଟାୟତ-କ୍ରୀଷ୍ଣାଙ୍କୁ ପଦ୍ମ ପୁରସ୍କାର



ନୂଆଦିଲ୍ଲୀ: ପଦ୍ମ ସମ୍ମାନରେ ସମ୍ମାନିତ ହେଲେ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତି । ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ତିନି ଜଣ ବ୍ୟକ୍ତି ବିଶେଷଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ତା'ମଧ୍ୟରେ ରହିଛନ୍ତି ଲୋକପ୍ରିୟ କଣ୍ଠଶିଳ୍ପୀ କ୍ରିଷ୍ଣା ପଟେଲ । ରଙ୍ଗବତୀ ଗୀତର ମୂଳ ଗାୟିକା କ୍ରିଷ୍ଣା ପଟେଲଙ୍କୁ ରାଷ୍ଟ୍ରପତି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି । ସେହିପରି କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ପଟ୍ଟାୟତ ସାହୁଙ୍କୁ ବିଧିବଦ୍ଧ ଭାବେ ଦିଆଯାଇଛି ପଦ୍ମଶ୍ରୀ ପୁରସ୍କାର । ଲୁପ୍ତ ହେବାକୁ ବସିଥିବା ବହୁ ପାରମ୍ପାରିକ ଔଷଧୀୟ ବୃକ୍ଷରାଜିକୁ ସଂରକ୍ଷଣ କରି ଚର୍ଚ୍ଚାକୁ ଆସିଥିଲେ କଳାହାଣ୍ଡି ଜୁନାଗଡ଼ ଅଞ୍ଚଳର ପଟ୍ଟାୟତ ସାହୁ । ଶ୍ରୀଯୁକ୍ତ ପଟାୟତ, ଔଷଧୀୟ ବୃକ୍ଷ ରୋପଣ ଏବଂ ୩୫୦ ପ୍ରକାର ଔଷଧୀୟ ବୃକ୍ଷ ଚିହ୍ନଟ କରି ଲୋକପ୍ରିୟ ହୋଇପାରିଛନ୍ତି। ଔଷଧୀୟ ବୃକ୍ଷ ଲଗାଇବା ସହିତ ବୈଦ୍ୟ କାମ କରି ଲୋକଙ୍କୁ ସେବା ଯୋଗାଇଥାନ୍ତି ।

ସେପଟେ ସାହିତ୍ୟ ଓ ଶିକ୍ଷା ପାଇଁ ଢେଙ୍କାନାଳର ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ମଧ ରାଷ୍ଟ୍ରପତି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି । ଓଡ଼ିଆ ସାହିତ୍ୟ, ସଂସ୍କୃତି, ଇତିହାସ, ଭାଷାତତ୍ତ୍ୱ ଓ ବ୍ୟାକରଣ →ପୃଷ୍ଠା-୭

# ନାଁରେ କିସ ଅଛି ?

ନାମ କେବଳ ଏକ ପରିଚୟ। ଜଣକର ଏକାଧିକ ନାଁ ବି ଥାଏ। ଯେମିତି କି ଘର ଲୋକ ଡାକନ୍ତି ବାବୁଲି। ମାମୁଁ ଘର ଡାକନ୍ତି ମିଟୁ। ସାଇପଡିଶା ଶବର। ସ୍କୁଲ୍ କଲେଜ ସାଙ୍ଗସାଥୀ ଜ୍ୟୋତି। ବୋର୍ଡ ସାର୍ଟିଫିକେଟ୍‌ରେ ଆଉ ଏକ ନାମ। ସେହିପରି ଦୃଷ୍ଟି ବାଧିତ ବା ଦେଖିପାରୁ ନ ଥିବା ଲୋକର ନାମ ତ୍ରିଲୋଚନ। ଗଣେଶ ନାମଧାରୀ ବ୍ୟକ୍ତି ଶ୍ରୀଅକ୍ଷର ବିବର୍ଜିତ। ଭିକମାଗି ବା ପରଘରେ ମୂଲ ଲାଗି ଚଳୁଥିବା ମହିଳାଙ୍କ ନାମ ଲକ୍ଷ୍ମୀ। ନାମ,କାମ, ବ୍ୟକ୍ତିକୁ ଯୋଡାଯୋଡି କରି ଅର୍ଥ ଖୋଜିଲେ ଏମିତି ଅନେକ ବିସଙ୍ଗତି, ଉଭଟ ତାଳମେଳ ଦେଖିବାକୁ ମିଳେ। ଏଣୁ ଇଂଲିଶ ଭାଷାର ବିଶିଷ୍ଟ ନାଟ୍ୟକାର ଉଇଲିୟମ ଶେକ୍ସପିୟର ରୋମିଓ ଏବଂ ଜୁଲିଏଟ ନାଟକରେ ସୁନ୍ଦର ଭାବେ ନାମ କରଣର ବିଶ୍ଲେଷଣ କରିଛନ୍ତି। ଏ ରୋଜ୍ ଇଜ୍ ଏ ରୋଜ୍ ବାଏ ହ୍ୱାଟଏଭର ନେମ୍ ୟୁ କଲ୍ ଇଟ୍। ଅର୍ଥାତ୍ ତୁମେ ଯେଉଁ ନାମରେ ଡାକୁଛ ଡାକ ଗୋଲାପ ଗୋଲାପ ହିଁ ରହିବ।

ଏଠାରେ ଏତେ ସବୁ କଥା ଲେଖିବାର ପ୍ରୟୋଜନ ଉପୁଜିଲା ଦୁଇ ଦିନ ତଳେ ଚାଇନାର ଏକ କାର୍ଯ୍ୟକୁ ନେଇ। ଭାରତର ପୂର୍ବୋତ୍ତର ରାଜ୍ୟ ଅରୁଣାଚଳ ପ୍ରଦେଶର ୧୧ଟି ସ୍ଥାନର ନାମକୁ ଚାଇନା ତାହାର ପ୍ରମୁଖ ଭାଷା ମାଣ୍ଡାରିନ୍‌ରେ ନାମକରଣ କରି ଏହାକୁ ବ୍ୟବହାର କରିବା ଲାଗି ବିଜ୍ଞପ୍ତି ଜାରି କରିଛି। ଏଠାରେ ସୂଚନାଯୋଗ୍ୟ ଯେ, ଏକଦା ଭାରତ ଓ ଚାଇନା ମଧ୍ୟରେ ଥିବା ଏକ ସ୍ୱତନ୍ତ୍ର ଇଲାକା ଥିଲା ତିବ୍‌ବତ। ଚାଇନା ଏହି ଇଲାକାକୁ ଗତ ଶତାବ୍ଦର ମଧ୍ୟଭାଗରେ ଦଖଲ କରି ନିଜ ଦେଶରେ ମିଶାଇବା ପରେ ସେଠିକାର ବାସିନ୍ଦାଙ୍କ ମଧ୍ୟରେ ସ୍ୱାଭାବିକ ଭାବେ ଦେଖିବାକୁ ମିଳିଥିଲା ବିରୋଧ ଓ ପ୍ରତିବାଦ ସ୍ୱର। ଚାଇନା ଏକ କମ୍ୟୁନିଷ୍ଟ ରାଷ୍ଟ୍ର। କମ୍ୟୁନିଜମ୍‌ରେ ଈଶ୍ୱର ଆରାଧନା ଓ ଧର୍ମର ସ୍ଥାନ ନାହିଁ। ଧର୍ମ ଜନମାନସକୁ ବାଚାଳ କରିଦିଏ ବୋଲି କମ୍ୟୁନିଜମ ଅନୁସରଣକାରୀଙ୍କ ଧାରଣା। ତେଣୁ ତିବ୍‌ବତୀୟଙ୍କ ସର୍ବୋଚ୍ଚ ଧର୍ମଗୁରୁ ଦଲାଇଲାମାଙ୍କ ସମେତ ଅନେକ ତିବ୍‌ବତୀୟ ଚାଇନାର ତିବ୍‌ବତ ଦଖଲ ପରେ ଭାରତ ଆସିଯାଇଛନ୍ତି। ଏଠି ସେମାନେ ଏକ ପ୍ରବାସୀ ସରକାର ଚଳାଇଛନ୍ତି ଯଦିଓ ବସ୍ତୁତଃ ତିବ୍‌ବତକୁ ଚାଇନା ନିଜର ଏକ ପ୍ରାନ୍ତ କରିସାରିଛି। ନିକଟ ଭବିଷ୍ୟତରେ ଏହି ସ୍ଥିତି ବଦଳିବାର କୌଣସି ସମ୍ଭାବନା ନାହିଁ। ଆଭ୍ୟନ୍ତରୀଣ ଘାଣ୍ଟଚକଟରେ ଯେପରି କମ୍ୟୁନିଷ୍ଟସୋଭିଏଟ ରୁଷ୍ ଖଣ୍ଡବିଖଣ୍ଡିତ ହୋଇଗଲା, ହୁଏତ ଯଦି ଚାଇନାରେ ସେଭଳି ଘଟେ ତାହାହେଲେ ନୂଆ ଭୌଗଳିକ ଚିତ୍ର ଉପୁଜିପାରେ। ତିବ୍‌ବତରେ ଯେପରି ଚାଇନା ପ୍ରଶାସନ ବିରୋଧରେ ଅସନ୍ତୋଷ ରହିଛି, ସେହିପରି ସେହି ଦେଶର ଅନ୍ୟଏକ ପ୍ରାନ୍ତ ଜିନ୍‌ଜିଆଙ୍ଗ୍‌ରେ ବି ମୁସଲିମ ଧର୍ମାବଲମ୍ବୀ ଉୟିଘୁର ଜାତି ବି ଚାଇନାର ପ୍ରଭୁତ୍ୱ ସ୍ୱୀକାର କରିବାକୁ ନାରାଜ। ତିବ୍‌ବତ ଓ ଜିନ୍‌ଜିଆଙ୍ଗରେ ଚାଇନାର କମ୍ୟୁନିଷ୍ଟ ଶାସକ ଗୋଷ୍ଠୀ ଅମାନବୀୟ ଅତ୍ୟାଚାର କରି ବିଦ୍ରୋହକୁ ଚାପି ରଖିଛନ୍ତି। ତିବ୍‌ବତ ଦଖଲ କରିବା ପରେ ବି ଚାଇନାର ଜମି ଭୋକ ମେଣ୍ଟୁନାହିଁ। ଅରୁଣାଚଳ ପ୍ରଦେଶକୁ ଦକ୍ଷିଣ ତିବ୍‌ବତର ଆଖ୍ୟା ଦେଇ ଭାରତବର୍ଷର ଏହି ପ୍ରାନ୍ତକୁ ନିଜର ବୋଲି ଦାବି କରୁଛି। ବ୍ରିଟିଶ ଶାସନ କାଳରେ ଭାରତ ଓ ଚାଇନା ମଧ୍ୟରେ ସୀମା ଭାବେ ସ୍ଥିରୀକୃତ ମ୍ୟାକମୋହନ ଲାଇନକୁ ଚାଇନାଏବେ ସ୍ୱୀକାର କରିବାକୁ ଅରାଜି। ଅବଶ୍ୟ ମ୍ୟାକମୋହନ ଲାଇନ ପୂରା ସୀମାକୁ ଯେ ଚିହ୍ନଟ କରିନାହିଁ ଏକଥା ବି ସତ। ଏହାର ସୁଯୋଗ ନେଇ ଲଦାଖରୁ ଆରମ୍ଭ କରି ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ଭାରତର ଅନେକ ଲକ୍ଷ ବର୍ଗ କିଲୋମିଟର ଅଞ୍ଚଳକୁ ଚାଇନା ନିଜର ବୋଲି ଦାବି କରୁଛି। ସବୁଠାରୁ କୌତୁହଳ କଥା ହେଲା ଭାରତ ସହ ବେପାର ଜାରି ରଖିବା ଲାଗି ଚାଇନା ସର୍ବାଧିକ ଗୁରୁତ୍ୱାରୋପ କରୁଥିବା ବେଳେ ସେପଟେ ଭାରତର ଜାଗା ଉପରେ ନଜର ପକାଇବା ବନ୍ଦ କରୁନାହିଁ। ଗତ ଶତାବ୍ଦୀର ଷଷ୍ଠ ଦଶନ୍ଧିରେ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜୱାହାରଲାଲ ନେହରୁ ଓ ଚାଇନାର ପ୍ରଧାନମନ୍ତ୍ରୀ ଚାଉ ଏନ ଲାଇ ଭାରତ-ଚାଇନା ଭାଇ ଭାଇ ବୋଲି ଗୁରାଳି ପକାଉଥିବା ବେଳେ ସେପଟେ ଏପଟେ ୧୯୬୨ ମସିହାରେ ଚାଇନା ଭାରତ ଉପରେ ଆକ୍ରମଣ କରି ତତ୍‌କାଳୀନ ଅବିଭକ୍ତ କଶ୍ମୀରର ୩୬ ହଜାର ବର୍ଗ କିଲୋମିଟର ଯାଗା ଦଖଲ କରି ନେଇଥିଲା। ଇତିହାସର ପୁନରାବୃତ୍ତି ପୁଣି ୨୦୨୦ ମସିହାରେ ଘଟିଲା। ଚାଇନାର ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କୁ ଭାରତକୁ ଆମନ୍ତ୍ରଣ କରି ଆଣି ଭାରତର ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଭାଇଜୀ ମୋଦି ଦୋଳି ଝୁଲାଇ ଛାଡିବାର ଅଳ୍ପ ଦିନ କେତେ ଅନ୍ତରରେ ଲଦାଖ ଉପରେ ଆକ୍ରମଣ କରି ଚାଇନା ଆହୁରି ଅନେକ ହଜାର ବର୍ଗ କିଲୋମିଟର ସ୍ଥାନ ନିଜ ଅକ୍ତିଆରରେ ରଖିଛି। ସେବେଠାରୁ ଦୁଇ ଦେଶ ମଧ୍ୟରେ ବ୍ୟାପାରିକ କାରବାର ଧିମା ପଡି ଯାଇଥିବା ବେଳେ ଓ ରାଜନୈତିକ ସମ୍ପର୍କ ବସ୍ତୁତଃ ତୁଟି ଯାଇଛି। ଯେହେତୁ ଭାରତ ଏକ ବିରାଟ ବଡ ଉପଭୋକ୍ତା ଦେଶ ଚାଇନା ବରାବର କହିଆସୁଛି ବେପାର ତାଦ ବାଟରେ ଚାଲୁ। ରାଜନୀତି ଓ ସୀମା ବିବାଦ ସହ ତାହାର କିଛି ସମ୍ପର୍କ ନାହିଁ। ଏଭଳି ତର୍କ ରଖି ଚାଇନା ଅରୁଣାଚଳ ପ୍ରଦେଶକୁ ନିଜର ଇଲାକା ବୋଲି ଦେଖାଇବା ଲାଗି ଧୀରେ ଧୀରେ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେବାକୁ ଲାଗିଛି। ଆଗରୁ ସୀମା ବା ନିୟନ୍ତ୍ରଣ ରେଖା ନିକଟସ୍ଥ ଲୋକ ରହୁ ନ ଥବା ସ୍ଥାନରେ କୋଠାବାଡି, ରାସ୍ତାଘାଟ, ବିମାନଘାଟି ଆଦି ନିର୍ମାଣ କରି ଅନ୍ୟ ସ୍ଥାନରୁ ଲୋକଙ୍କୁ ଆଣି ବସାଇବାକୁ ଆରମ୍ଭ କଲା। ଏବେ ସୀମା ସେପଟେ ନିଜ ସ୍ଥିତି ସୁଦୃଢ ଦେଖି ସୀମା ଏପଟକୁ ନଜର ପକାଇଛି। ପ୍ରଥମେ ୨୦୧୭ ମସିହାରେ ନିୟନ୍ତ୍ରଣରେଖା ନିକଟବର୍ତ୍ତୀ କିଛି ସ୍ଥାନକୁ ଚାଇନାର ବେସାମରିକ ବିମାନ ଚଳାଚଳ ବିଭାଗ ନୂଆ ନାମ ଦେଲା। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୧ ମସିହାରେ ଆଉ ୧୫ଟି ସ୍ଥାନର ନାମକରଣ କଲା। ଏବେ ଦୁଇ ଦିନ ତଳେ ଆଉ ୧୧ଟି ସ୍ଥାନର ନାମ କରଣ କରିଛି। ଭାରତବର୍ଷରେ ଇତିହାସରୁ ଶିଖିବାକୁ ନାରାଜ୍। ନେହେରୁଙ୍କ ଅମଳର ଭୁଲ ମୋଦି ରାଜ୍‌ରେ ଦୋହରିଲା। ୨୦୧୭ ମସିହାରେ ପ୍ରଥମ ପର୍ଯ୍ୟାୟ ନାମକରଣ ପରେ ଯଦି ଭାରତ ତୀବ୍ର ପ୍ରତିବାଦ କରିଥାନ୍ତା ଓ ସି ଜିନ୍ ପିଙ୍ଗ୍‌ଙ୍କୁ ଡାକିଆଣି ଜ୍ୱାଇଁପୁଅର ମର୍ଯ୍ୟାଦା ଦେଇ ଝୁଲୁରେ ହାତୀ ଝୁଲୁ ବୋଲି ଦୋଳି ଝୁଲାଇ ନ ଥାନ୍ତା ତାହାହେଲେ ହୁଏତ ଏ ଦିନ ଦେଖିବାକୁ ପଡି ନ ଥାନ୍ତା।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା**
**ଲାଗି ଲେଖା ପଠାଇବା ଠିକଣା**
**ଇମେଲ୍- aadharodisha8@gmail.com**
**ଯୋଗାଯୋଗ-ପ୍ଲଟ୍ ନମ୍ବର-ପି-୪୨, ଲେନ୍-୧, ଫେଜ୍-୧,**
**ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା**

# ଭବିଷ୍ୟତର ଓଡ଼ିଆ ଭାଷା

**ଅନ୍ତର୍ଯ୍ୟାମୀ ମିଶ୍ର**

ଭାରତରେ ଛୋଟବଡ଼ ହୋଇ ବର୍ତ୍ତମାନ ଦୁଇଶହରୁ ବେଶି ଭାଷା ଚଳୁଛି। ତନ୍ମଧ୍ୟରୁ ପ୍ରାୟ ଦୁଇ ତୃତୀୟାଂଶ ମରଣୋନ୍ମୁଖୀ । ଓଡ଼ିଆ ଭାଷା ବି ଏହି ବିପଦର ବଳୟ ଭିତରେ ରହିଛି । ଏହା ସତ୍ୟ ଯେ, ଓଡ଼ିଆ ଭାଷା କେବେ ମରିବ ନାହିଁ । ପୃଥିବୀରେ ଏପରି କୌଣସି ଶକ୍ତି ନାହିଁ, ଯେଉଁ ଶକ୍ତି ଲକ୍ଷଲକ୍ଷ ଲୋକଙ୍କ ଦ୍ୱାରା କଥିତ ଓଡ଼ିଆ ଭାଷାକୁ ସେମାନଙ୍କ ତୁଣ୍ଡରୁ କାଢ଼ିନେଇ ପାରିବ । ଶିକ୍ଷିତ ଓଡ଼ିଆଙ୍କର ସେମାନଙ୍କ ମାତୃଭାଷା ପ୍ରତି ଅନାଦର ଭାବକୁ ଦେଖି କୁହାଯାଇପାରେ କିଛି ବର୍ଷ ପରେ ଓଡ଼ିଆ ଭାଷା ଗାଁଗଣ୍ଡାର ମଫସଲି ଲୋକ ଓ ବଣଜଙ୍ଗଲର ଆଦିବାସୀ ଲୋକଙ୍କ ଭାଷା ହୋଇ ରହିଯିବ । ଓଡ଼ିଆ ଭାଷାର ସମସାମୟିକ ପ୍ରାଚୀନ ମୈଥିଳୀ ଭାଷାର ବର୍ତ୍ତମାନ ଯେଉଁ ଅବସ୍ଥା ହୋଇଛି, ଓଡ଼ିଆର ମଧ୍ୟ ସେହି ଅବସ୍ଥା ହୋଇପାରେ । ଭାରତର ପ୍ରାଚୀନ ଆର୍ଯ୍ୟଭାଷାମାନଙ୍କ ମଧ୍ୟରେ ମୈଥିଳୀ ଅନ୍ୟତମ । ମୈଥିଳୀ ଭାଷାର ବହୁ ସାମଞ୍ଜସ୍ୟ ଓଡ଼ିଆ ଭାଷା ସହିତ ରହିଛି । ମୈଥିଳୀ ଭାଷାରେ ଉଚ୍ଚକୋଟୀର ସାହିତ୍ୟ ମଧ୍ୟ ଲେଖା ହୋଇଥିଲା । ଏହି ଭାଷାର ଦୁଇଟି ଉପଭାଷା ଯଥା: ଅଙ୍ଗିକା ଓ ବଜ୍ଜିକା ନିଜକୁ ସ୍ୱାଧୀନ ଭାଷା କହି ଆନ୍ଦୋଳନ ଆରମ୍ଭ କରିଦେଲେ ଏହି ଉପଭାଷାଭାଷୀ ନିଜକୁ ମୈଥିଳୀ ଭାଷୀ କହିବାକୁ ରାଜି ହେଲେ ନାହିଁ । ଏହାର ପରିଣତି ହେଲା, ମୈଥିଳୀ ଭାଷା ହିନ୍ଦୀ ଭାଷାର ଉପଭାଷା ହୋଇଗଲା । ମୈଥିଳୀ ଅପରକୁ କରିତ୍‌କର୍ମା ବଙ୍ଗାଳୀମାନେ ଛଡ଼ାଇନେଇ ମାଡ଼ିବସିଲେ । ମୈଥିଳୀ ଅନେକ ଲୋକଙ୍କର ମାତୃଭାଷା ହେଲେ ହେଁ ସେ ଭାଷାରେ ପ୍ରାଥମିକ ଶିକ୍ଷା ଦିଆଯାଉନାହିଁ ଏପରିକି ମୈଥିଳୀ ଶିଶୁଙ୍କୁ ନିଜ ମାତୃଭାଷାରେ ସାକ୍ଷର ହେବାର ସୁଯୋଗ ମିଳୁନାହିଁ । ଏକ ଉନ୍ନତ ଭାଷାରୁ ଏହା ପରିଣତ ହୋଇଛି ଗୋଟିଏ ଉପଭାଷାରେ । ଆମ ଓଡ଼ିଆ ଭାଷା କ୍ଷେତ୍ରରେ ବି ଅନୁରୂପ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛିଛ ସେଥି ନିମିତ୍ତ ଆମକୁ ସଜାଗ ହେବାକୁ ପଡ଼ିବ ।

ଜାତିର ଭାଷା ଅସ୍ମିତା ଲୋପ ପାଇଲେ ଭାଷା ମରେ । ଆଧୁନିକ ଯୁଗରେ ଭାଷା ମଲେ ଲୋକମାନଙ୍କ ତୁଣ୍ଡରୁ ଏହା ଲୋପ ପାଇଯାଏ ନାହିଁ । ଏହା ଜାତିର ବିଭିନ୍ନ ସାମାଜିକ ପରିସରରୁ ଲୋପ ପାଇଯାଏ। ଯେତେବେଳେ ଗୋଟିଏ ଭାଷାର ସାମାଜିକ ପରିସରଗୁଡ଼ିକୁ ଅନ୍ୟ ଭାଷା ଦଖଲ କରିନେବ, ସେତେବେଳେ ଭାଷା ମୃତ୍ୟୁପଥରେ ଚାଲିଛି ବୋଲି ବୁଝିବାକୁ ହେବ । ଲକ୍ଷଲକ୍ଷ ଲୋକ ସେ ଭାଷାକୁ କହୁଥିବା ସତ୍ତ୍ୱେ ସେ ଭାଷାର କୌଣସି ଜୀବନୀଶକ୍ତି ନାହିଁ । ପ୍ରତ୍ୟେକ ଭାଷାର ଭବିଷ୍ୟତ ଦୁଇଟି ଉପାୟରେ ନିର୍ଦ୍ଧାରିତ ହୋଇପାରେ । ପ୍ରଥମଟି ଭାଷାଭାଷୀଙ୍କ ବିଲୋପ ଅନ୍ୟଟି ଏହାର ସାମାଜିକ ବ୍ୟବହାରର ସମାପ୍ତି । ଭବିଷ୍ୟତରେ ଓଡ଼ିଆ ଭାଷା ଏ ଦୁଇଟିଯାକ ପଥ ଦେଇ ଗତି କରିବାର ସମ୍ଭାବନା ରହିଛି । ଏହା ହୁଏତ ଲୋପ ପାଇଯାଇପାରେ ବା ଏହାର ସାମାଜିକ ବ୍ୟବହାର ଏତେ ସଙ୍କୁଚିତ ହୋଇଯାଇପାରେ ଯେ, ଏହା ଏକ ଉପଭାଷାରେ ପରିଣତ ହୋଇପାରେ । ଗୋଟିଏ ଭାଷା ଯେତିକି ଅଧିକ ସାମାଜିକ ପରିସରରେ ବ୍ୟବହୃତ ହେବ, ତାଦର ଜୀବନୀଶକ୍ତି ସେତିକି ବଢ଼ିବ । ସାମାଜିକ ପରିସରରୁ ଏହା ଯେତିକି ଯେତିକି ହଟିଯିବ, ସେତିକିସେତିକି ତାଦର ଦମ୍ ବନ୍ଦ ହୋଇଯିବ । ଏହା ଘରର ଦୁଆର ଝରକାଗୁଡ଼ିକୁ ଗୋଟିକ ପରେ ଗୋଟିଏ ବନ୍ଦ କରିବା ପରି । ଯେତେବେଳେ ସବୁ ଦୁଆର ଓ ଝରକା ବନ୍ଦ ହୋଇଯିବ, ଘର ଭିତରେ ଥିବା ଲୋକଙ୍କର ଶ୍ୱାସରୁଦ୍ଧ ହେବ । ଗୋଟିଏ ବନ୍ଦ କୋଠରିରେ ଜଣେ ଚିତ୍କାର କରୁଥିଲେ ମଧ୍ୟ କେହି ତା ଚିତ୍କାର ଶୁଣିପାରିବେ ନାହିଁ । ଶୁଣିଲେ ମଧ୍ୟ କେହି ମୂଲ୍ୟ ଦେବେନି ତା ଅବୋଧ କଥାର । ଭାଷା କୁହାଯାଉ ନ ଥିବା ଏକ ପ୍ରକାର ମୃତ୍ୟୁ, ଭାଷାକୁ କୁହାଇ ନଦେବା ଆଉ ଏକ ପ୍ରକାର ମୃତ୍ୟୁ । ଦ୍ୱିତୀୟ ପ୍ରକାରଟି କେବଳ ମୃତ୍ୟୁ ନୁହେଁ, ହତ୍ୟା । ବର୍ତ୍ତମାନ ଓଡ଼ିଶାର ସାମାଜିକ ପରିସରଗୁଡ଼ିକୁ ଏପରି ଭାବରେ ରୁନ୍ଧି ଦିଆଗଲାଣି, ଯେପରି ଓଡ଼ିଆଭାଷା ନିଜ ସମାଜଠାରୁ ବିଚ୍ଛିନ୍ନ ହୋଇପଡ଼ିବ । ଏହା ଶ୍ୱାସରୁଦ୍ଧ ଜନିତ ମୃତ୍ୟୁ ଅର୍ଥାତ୍ ଜୀବନମୃତ୍ୟୁ ସଙ୍ଗେ ସମାନ । ଏପରି ଘଟିଲେ ବୁଝିବାକୁ ହେବ ଯେ, ଭାଷା କୋମା ଅବସ୍ଥାରେ । ଏହି ଅବସ୍ଥାରେ ମରିବା ବଞ୍ଚିବା ସମାନ । ବର୍ତ୍ତମାନ ଆମ ଓଡ଼ିଆ ସାମାଜିକ ପରିସରଗୁଡ଼ିକରୁ ଗୋଟିଏ ନେଇ ଦେଖାଯାଉ, ଯଥା: ଦୂରଦର୍ଶନ ପରିସରରେ ଓଡ଼ିଆ ଭାଷା । ଆଜିର ସଭ୍ୟତାରେ ଟେଲିଭିଜନ ଏକ ଅପରିହାର୍ଯ୍ୟ ବସ୍ତୁ । ସଂପ୍ରତି ସମଗ୍ର ବିଶ୍ୱରେ ଶହଶହ ଚ୍ୟାନେଲ୍‌ରେ ଅହୋରାତ୍ର ଟେଲିଭିଜନ ଚାଲିଛି । ଆମ ଓଡ଼ିଶାରେ ମଧ୍ୟ ପ୍ରାୟ କୋଡ଼ିଏଟି ଚ୍ୟାନେଲରେ ଟେଲିଭିଜନ ଚାଲିଛି । ଟେଲିଭିଜନରେ ବକ୍ତୃତା, ତର୍କ, ସମ୍ବାଦ, ଆଲୋଚନା, କବିତା, ଗୀତ, ନାଟକ, ସମୀକ୍ଷା, କଳା, ଦର୍ଶନ, ବ୍ୟଙ୍ଗ, ଉପଦେଶ, ଧର୍ମ, ରାଜନୀତି, ରାନ୍ଧଣା, ରୂପସଜା, ଚିକିତ୍ସା, ସ୍ୱାସ୍ଥ୍ୟରକ୍ଷା, ବାଣିଜ୍ୟ, ବିଜ୍ଞାପନ, ପ୍ରକୃତି, ପରିବେଶ, ବିଳାସ, ବ୍ୟାୟାମ ପ୍ରଭୃତି ଅଗଣିତ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷାକୁ କିପରି ବିକୃତ କରାଯାଉଛି ସଭିଏଁ ଦେଖୁଛନ୍ତି କିନ୍ତୁ ଭାଷା ଚାରିଆଡ଼କୁ ଓଟାରି ହେଉଛି । ହଜାର ହଜାର ନୂଆ ପୁରୁଣା ଶବ୍ଦ, ବାକ୍ୟ, ଶୈଳୀ, ବିଶେଷଣ, ଅବ୍ୟୟ, ଉପମା, ଅଳଙ୍କାର, ଶ୍ଳେଷ, ଅନୁପ୍ରାସ, ଗ୍ରାମ୍ୟ, ରୂଢ଼ି, ବିଜ୍ଞ, ବିଦଗ୍ଧ କଥାଭାଷା ମାଧ୍ୟମରେ ଶ୍ରୋତାଙ୍କୁ ହତଚକିତ କରିଦେଉଛନ୍ତି । ଟେଲିଭିଜନ ଆମକୁ ଜ୍ଞାନ ଦେଉଛି, ମନୋରଞ୍ଜନ କରୁଛି, ଉଚ୍ଚାଟ କରୁଛି, ହସାଉଛି ଓ କନ୍ଦାଉଛି । ଟେଲିଭିଜନ ପରିସରରେ ଭାଷା ଆମର ଓ ଜାତିର ସେବାରେ ନିବିଷ୍ଟ । ପରୋକ୍ଷ ଭାବେ ହେଲେବି ସମାଜର ସମସ୍ତ ପରିସର ସହିତ ସେ ବ୍ୟକ୍ତିକୁ ଜଡ଼ିତ କରିରଖିଛି । ଆଧୁନିକ ସଭ୍ୟତାରେ ଭାଷାର ପ୍ରସାର ଓ ଜୀବନୀଶକ୍ତିପାଇଁ ଟେଲିଭିଜନ ଅପରିହାର୍ଯ୍ୟ । ଶହଶହ ଚ୍ୟାନେଲ୍‌ରେ ଚବିଶଘଣ୍ଟା ଭାଷା ମୂଷଳଧାରାରେ ବର୍ଷୁଛି । ଏପରି ଭାଷାଟିଏ ଯଦି ଆପଣଙ୍କର ହୋଇଥାଏ, ଗର୍ବ କରିବାର ଯଥେଷ୍ଟ କାରଣ ଅଛି । କିନ୍ତୁ ଆପଣଙ୍କ ଭାଷା ଯଦି ଟେଲିଭିଜନରୁ ଶୁଣାଯାଉନଥାଏ! ଯାଆନ୍ତୁ, ଆଉ ଆପଣଙ୍କ ଟେଲିଭିଜନ ଖୋଲନ୍ତୁ । ଓଡ଼ିଆମାନେ କେଉଁ ଭାଷାରେ, କେତେଘଣ୍ଟା, କେତେଟା ଚ୍ୟାନେଲ୍‌ରେ ଓଡ଼ିଆ ଶୁଣୁଛନ୍ତି ଓ କହୁଛନ୍ତି? ଆଶ୍ଚର୍ଯ୍ୟ ହେଉଛନ୍ତି କି? ଏହା ସତ୍ୟ ଯେ, ଟେଲିଭିଜନ ଦେଇ ଓଡ଼ିଆ ଭାଷା ଯାତାୟାତ କରି ପାରୁନାହିଁ । ଯେଉଁ ଓଡ଼ିଆ ଭାଷା ଟେଲିଭିଜନରେ ପ୍ରସାର ହେଉଛି ତାହା ବିକୃତ, ଖଣ୍ଡିତ ଓ କିମ୍ଭୂତକିମାକାର ଓଡ଼ିଆଭାଷା । ଟେଲିଭିଜନ ଓଡ଼ିଆ ଭାଷା ପାଇଁ ସହାୟକ ହେବା ପରିବର୍ତ୍ତେ ଶତ୍ରୁ ହୋଇ ଠିଆହୋଇଛି । ଆମ ଲୋକଙ୍କ ପାଖରେ ଆମ ଭାଷାକୁ ପହଞ୍ଚାଇବା ପରିବର୍ତ୍ତେ,ଏହା ଆମ ଭାଷାଠାରୁ ଆମକୁ ଦୂରେଇ ନେଇ, ତାଦ ଜାଗାରେ ଅନ୍ୟ ଭାଷାକୁ ପୂରାଉଛି । ଯେତେବେଳେ ଗୋଟିଏ ଭାଷାର ସାମାଜିକ ପରିସରଗୁଡ଼ିକୁ ଅନ୍ୟ ଭାଷା ଦଖଲ କରିନେବ, ସେତେବେଳେ ଭାଷା ମୃତ୍ୟୁ ପଥରେ ଚାଲିଛି ବୋଲି ବୁଝିବାକୁ ହେବ ।

ସାମାଜିକ ପରିସରରେ ଭାଷାର ବ୍ୟାପକ ବ୍ୟବହାର ହିଁ ଭାଷାର ଜୀବନୀଶକ୍ତି ବୃଦ୍ଧି କରିଥାଏ। ଏହି ସାମାଜିକ ପରିସରରୁ ଭାଷା ନୂତନ ଶବ୍ଦ, ବାକ୍ୟ, ଶୈଳୀ, କଳ୍ପ, ଅର୍ଥ ଓ ତଥ୍ୟ ଗ୍ରହଣ କରି ସମୃଦ୍ଧ ହୁଏ । କିନ୍ତୁ ଓଡ଼ିଆ ଭାଷା କ୍ଷେତ୍ରରେ ଏ ଦିଗଟି ଅତ୍ୟନ୍ତ ଦୁର୍ବଳ । ତେଣୁ କୌଣସି ପ୍ରକାର ବୈଜ୍ଞାନିକ ଚିନ୍ତା ପାଇଁ, ନୂତନ ଜ୍ଞାନ ପାଇଁ ଏ ଭାଷାର ସମ୍ଭାର ନାହିଁ । କିଛି ଅନଭିଜ୍ଞ ଲୋକ ଯୁକ୍ତି ବାଢ଼ନ୍ତି ଯେ ଓଡ଼ିଆ ଭାଷାରେ ଆଧୁନିକ ସଭ୍ୟତାର ସବୁକିଛି ପ୍ରକାଶ କରାଯାଇପାରିବ, ଏହା ଏକ ବଳିଷ୍ଠ ଭାଷା । ଏକଥା ଆଦୌ ସତ୍ୟ ନୁହେଁ । କିଛି ପାରିବାରିକ କଥାବାର୍ତ୍ତା ଛଡ଼ା, କିଛି ବ୍ୟକ୍ତିକେନ୍ଦ୍ରିକ, କଳ୍ପନା ପ୍ରସୂତ ସାହିତ୍ୟ ଲେଖିବାଛଡ଼ା, ଏ ଭାଷାରେ କୌଣସି ଗୂଢ଼ ତାତ୍ତ୍ୱିକ ଚର୍ଚ୍ଚା କରାଯାଇପାରିବ ନାହିଁ । ଓଡ଼ିଆ ଭାଷା ପାଇଁ ନୂଆ ରାସ୍ତା ଖୋଲିବାକୁ ପଡ଼ିବ । ସେଥିପାଇଁ ଆମକୁ ପ୍ରତିଜ୍ଞାବଦ୍ଧ ହେବାକୁ ପଡ଼ିବ । ଯେଉଁ ତଦ୍ୱିଦମାନେ ଏହା କରିପାରିବେ ବା ସେ ଦିଗରେ ବାଟ କଢ଼ାଇପାରିବେ, ସେମାନଙ୍କୁ ତାଦର ଦାୟିତ୍ୱ ଦେବାକୁ ପଡ଼ିବ । ସ୍ମରଣ ରଖିବାକୁ ହେବ ଯେ, ଭାଷା ଆଧୁନିକ ସମାଜ ଉପଯୋଗୀ ନ ହେଲେ, ଭାଷାଭାଷୀମାନେ ଆପେଆପେ ଏହି ଭାଷା ଉପରୁ ଆସ୍ଥା ହରାଇବେ । ସେମାନେ ଆପେଆପେ ଧରିନେବେ ଯେ, ଏ ଭାଷାର ଭବିଷ୍ୟତ ନାହିଁ । ଓଡ଼ିଆ ପିଲାମାନେ ଅଧିକରୁ ଅଧିକ ସଂଖ୍ୟାରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ିବେ । କୌଣସି ପ୍ରକାର ଆଇନକରି ଲୋକମାନଙ୍କୁ ରୋକାଯାଇ ପାରିବ ନାହିଁ ସେମାନଙ୍କ ପିଲାଙ୍କୁ ଅନ୍ୟ ଭାଷାର ବିଦ୍ୟାଳୟରେ ପଢ଼ାଇବାକୁ । ଦେଶଭକ୍ତିର ଦ୍ୱାହିଦେଇ କୌଣସି ଓଡ଼ିଆ ନିଜ ପିଲାଙ୍କର ଭବିଷ୍ୟତକୁ ଅନ୍ଧକାରମୟ କରିବେ ନାହିଁ । ଶେଷକୁ ଓଡ଼ିଶା ଭୂଖଣ୍ଡରେ ସୃଷ୍ଟି ହେବ ଦୁଇପ୍ରକାର ଭାଷା । ଇଂରାଜୀ ବିଦ୍ୟାଳୟରେ ପଢ଼ିଥିବା ଓଡ଼ିଆଙ୍କର ହ୍ମଖଣ୍ଡି ଓଡ଼ିଆଦ ଏବଂ ଓଡ଼ିଆ ବିଦ୍ୟାଳୟରେ ପଢ଼ିଥିବା ଓଡ଼ିଆଙ୍କର ଡେଫିସିଏଣ୍ଟ ଓଡ଼ିଆ ବା ହ୍ମଦରିଦ୍ର ଓଡ଼ିଆଦ । ଭାଷା ଦୃଷ୍ଟିରୁ, ଏ ଦୁଇ ପ୍ରକାରର ଓଡ଼ିଆ ଭାଷାପାଇଁ ଏ ଜାତିନିମିତ୍ତ ଦୁର୍ଭାଗ୍ୟଜନକ ହେବ । ଏହା ଯେପରି ନହୁଏ, ସେଥିପାଇଁ ଆଜିଠାରୁ ଓଡ଼ିଆ ଭାଷାକୁ ସମୃଦ୍ଧ କରିବାକୁ ପଡ଼ିବ, ଯୁଗୋପଯୋଗୀ କରିବାକୁ ପଡ଼ିବ । ଓଡ଼ିଆ ଭାଷା ଯେପରି ନିଜର ଶକ୍ତିବଳରେ ଓଡ଼ିଆମାନଙ୍କୁ ଆପେଆପେ ବାନ୍ଧିବ- ଜାତିପ୍ରେମର ଶୁଷ୍କ ସ୍ଲୋଗାନ୍‌ରେ ଭାବପ୍ରବଣ ହୋଇ ନୁହେଁ ବା ଭାଷା ବିଷୟରେ ବୃଥା ଆସ୍ଫାଳନରେ ବିଶ୍ୱାସ କରିନୁହେଁ । କେତେକ ଭାବୁଛନ୍ତି, ସଭା ସମିତି ଆଲୋଚନାରେ ଓଡ଼ିଆ ଭାଷା ସମୃଦ୍ଧ ହେବ, କେତେକ ଭାଷା ଅନୁଷ୍ଠାନ ଗଢ଼ି ଲୋକଙ୍କୁ ଭୂଆଁ ବୁଲାଇ ସରକାରୀ ଅନୁଦାନକୁ ଆଖିରେ ରଖିଛନ୍ତି, କେହି ନିଜକୁ ପ୍ରଫେସର ବା ଭାଷାବିଜ୍ଞାନୀ କହି ଏ ଜାତିକୁ ଠକିବାରେ ଲାଗିଛନ୍ତି । ସେମାନଙ୍କ ଦ୍ୱାରା ଓଡ଼ିଆ ଭାଷା ପାଦେ ଆଗେଇ ନାହିଁ ବା ଆଗେଇବାର ସମ୍ଭାବନା ନାହିଁ । ବର୍ତ୍ତମାନ ଆମ ଆଗରେ ଏକମାତ୍ର କର୍ତ୍ତବ୍ୟ କିପରି ଓଡ଼ିଆ ଭାଷାରେ ଓଡ଼ିଆଙ୍କର ଭବିଷ୍ୟତ ସୁରକ୍ଷିତ ରହିବ । ସେଥିପାଇଁ ଗୋଟିଏ ଆଧୁନିକ ଓଡ଼ିଆ ଭାଷା ଗଢ଼ିବା ହିଁ ଏକମାତ୍ର ପନ୍ଥା । ଯଦି ଆମେ ଚାହୁଁଥାଉ ଯେ ଭବିଷ୍ୟତରେ ଆମ ଭାଷା ବଞ୍ଚିରହୁ ଓ ଓଡ଼ିଆଭାଷା ଏକ ସଭ୍ୟ, ସମୃଦ୍ଧ ସମାଜର ପ୍ରତୀକ ହେଉ ।

ଆଗାମୀ ଶତାବ୍ଦୀରେ ଓଡ଼ିଆ ଭାଷାର ରୂପରେଖ କଦଣ ହେବ ସେ ବିଷୟରେ ଚିନ୍ତା କରିବା ଉଚିତ୍ । ଆସନ୍ତା ଶହେବର୍ଷରେ ପୃଥିବୀ ଯଥେଷ୍ଟ ଆଗେଇଯିବ ବୋଲି ଅନୁମାନ କରାଯାଉଛି । ପୃଥିବୀର ଅଗ୍ରଗତିର ଅର୍ଥ ହେଉଛି ମାନବ ଜାତିର ଅଗ୍ରଗତି । ସେହି ସାମୂହିକ ଅଗ୍ରଗତିରେ ଓଡ଼ିଆ ସମାଜର ଯାହା ବା ଅବଦାନ ରହୁ, ଓଡ଼ିଆ ସମାଜ କିନ୍ତୁ ତାହାଠାରୁ ନିଜକୁ ଦୂରେଇ ରଖିପାରିବ ନାହିଁ । ପରୋକ୍ଷ ଭାବେ ହେଉ ବା ପ୍ରତ୍ୟକ୍ଷ ଭାବେ ହେଉ, ଅଗ୍ରଗତିର ଏହି ମହାସ୍ରୋତରେ ଓଡ଼ିଆ ଜାତି ବି ଅବଗାହନ କରିବାକୁ ବାଧ୍ୟ, ଆଉ ସମଗ୍ର ଜାତି ଯେତେବେଳେ ଭାସିଚାଲିବ ଏହି ସ୍ରୋତରେ, ଓଡ଼ିଆ ଭାଷା ଏହାର ଏକ ନୀରବଦ୍ରଷ୍ଟା ହୋଇ ରହିପାରିବ ନାହିଁଛ ଜାତିର ଅଗ୍ରଗତି ସହିତ ଭାଷା ଯଦି ପାଦମିଳାଇ ନଚାଲେ ଏହା ଲୋପ ପାଇଯିବ । ଏହି ଦୃଷ୍ଟିରୁ ଓଡ଼ିଆ ଭାଷା କ୍ଷମତାର ଅଭିବୃଦ୍ଧି ଘଟାଇ ଏହାକୁ ଯୁଗୋପଯୋଗୀ କରିବାକୁ ପଡ଼ିବ । ଭାଷା ମଧ୍ୟରେ ଚାରିଗୋଟି ମୁଖ୍ୟ କ୍ଷମତା କାର୍ଯ୍ୟକରୁଛି ବୋଲି କୁହାଯାଇପାରେ, ଯଥା:- ଶୁଣିବା, କହିବା, ପଢ଼ିବା ଓ ଲେଖିବା । ଓଡ଼ିଆ ଭାଷାଭାଷୀଙ୍କର ଏହି ଚାରିଗୋଟି ଭାଷାକ୍ଷମତାର ଅଭିବୃଦ୍ଧି ଓ ଓଡ଼ିଆ ଭାଷାକୁ ଯୁଗୋପଯୋଗୀ କରିବା ନିମିତ୍ତ ବିଧିବଦ୍ଧ ଯୋଜନାୟିତ ପ୍ରଚେଷ୍ଟା କରିବାର ସମୟ ଉପଗତ ।

# ଭାରତରେ ଅଧିକ ମହିଳା ପାଇଲଟ୍

ନୂଆଦିଲ୍ଲୀ : ବିଶ୍ୱ ସ୍ତରରେ ଯେତିକି ମହିଳା ପାଇଲଟ୍ ରହିଛନ୍ତି ସେ ତୁଳନାରେ ଭାରତରେ ମହିଳା ପାଇଲଟ୍ଙ୍କ ସଂଖ୍ୟା ସବୁଠୁ ଅଧିକ । ଭାରତରେ ପ୍ରାୟ ୧୦ ହଜାର ପାଇଲଟ୍ କାର୍ଯ୍ୟ କରୁଥିଲା ବେଳେ ସେମାନଙ୍କ ମଧ୍ୟରୁ ୧୫ ପ୍ରତିଶତ କେବଳ ମହିଳା ପାଇଲଟ୍ ରହିଛନ୍ତି ବୋଲି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ପକ୍ଷରୁ ପ୍ରକାଶ କରାଯାଇଥିବା ସର୍ବଶେଷ ପରିସଂଖ୍ୟାନ ରିପୋର୍ଟରୁ ଜଣାପଡ଼ିଛି । ଡିଜିସିଏ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ବର୍ତ୍ତମାନ ଘରୋଇ ରୁଟ୍‌ରେ ଏବଂ ବିଭିନ୍ନ ଘରୋଇ ବିମାନ କମ୍ପାନୀରେ ପ୍ରାୟ ୧୦ ହଜାରରୁ ଅଧିକ ପାଇଲଟ୍ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ମଧ୍ୟରେ ମାତ୍ର ୬୭ ପାଇଲଟ୍ ବିଦେଶୀ ହୋଇଥିଲା ବେଳେ ମୋଟ ପାଇଲଟ୍ ସଂଖ୍ୟାର ୧୫ ପ୍ରତିଶତ କେବଳ ମହିଳା ପାଇଲଟ୍ ରହିଛନ୍ତି ।

ବିଶ୍ୱସ୍ତରରେ ମୋଟ ଯେତିକି ସଂଖ୍ୟକ ପାଇଲଟ୍ କାର୍ଯ୍ୟ କରୁଛନ୍ତି ସେଥିମଧ୍ୟରୁ ମହିଳା ପାଇଲଟ୍ଙ୍କ ସଂଖ୍ୟା ହାରାହାରି ୫ ପ୍ରତିଶତ ରହିଛି । କିନ୍ତୁ ଭାରତରେ ଏହି ହାର ୧୫ ପ୍ରତିଶତ ରହିଛି ବୋଲି ଡିଜିସିଏ ପକ୍ଷରୁ କୁହାଯାଇଛି । ପାଇଲଟ୍ ହେବା ପାଇଁ ମହିଳା, ଅନୁସୂଚିତ ଜାତି କିମ୍ବା ଜନଜାତିଙ୍କ ପାଇଁ ସେଭଳି କୌଣସି ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା ନ ଥିଲେ ହେଁ ଭାରତ ଏହି କ୍ଷେତ୍ରରେ ଆଗୁଆ ରହିଥିବା କୁହାଯାଇଛି। ୨୦୨୧ରେ ବିଭିନ୍ନ ବିମାନ କମ୍ପାନୀ ଦ୍ୱାରା ୨୪୪ ପାଇଲଟ୍ଙ୍କୁ ନିଯୁକ୍ତି ମିଳିଥିଲା । କିନ୍ତୁ ଆଗାମୀ ଦିନରେ ଆହୁରି ଅଧିକ ସଂଖ୍ୟକ ପାଇଲଟଙ୍କ ଆବଶ୍ୟକତା ପଡ଼ିବ । ଏପରିକି ଆସନ୍ତା ୫ ବର୍ଷ ମଧ୍ୟରେ ଭାରତରେ ଆହୁରି ଏକ ହଜାର ପାଇଲଟ୍ଙ୍କ ନିଯୁକ୍ତି ପାଇଁ ବାଟ ଖୋଲିବ ବୋଲି କୁହାଯାଇଛି ।

**୧୦ହଜାର ପାଇଲଟଙ୍କ ମଧ୍ୟରୁ ୧୫୦୦ ମହିଳା**

ଇଣ୍ଟରନ୍ୟାସନାଲ ୱିମେନ ଏୟାରଲାଇନ ପାଇଲଟ୍ସ ସଂସ୍ଥା ପକ୍ଷରୁ ଦିଆଯାଇଥିବା ୨୦୨୧ ବର୍ଷ ପାଇଁ ଦିଆଯାଇଥିବା ସୂଚନା ଅନୁଯାୟୀ ଆୟର୍ଲାଣ୍ଡରେ ମହିଳା ପାଇଲଟ୍ଙ୍କ ହାର ୯.୯ ପ୍ରତିଶତ ରହିଥିଲା ବେଳେ ଦକ୍ଷିଣ ଆଫ୍ରିକାରେ ୯.୮ ପ୍ରତିଶତ, ଅଷ୍ଟ୍ରେଲିଆରେ ୭.୫ ପ୍ରତିଶତ, କାନାଡା ୭ ପ୍ରତିଶତ, ଜର୍ମାନୀ ୬.୯ ପ୍ରତିଶତ, ଆମେରିକା ୫.୫ ପ୍ରତିଶତ, ଯୁକ୍ତରାଜ୍ୟ ୪.୭ ପ୍ରତିଶତ, ନ୍ୟୁଜିଲାଣ୍ଡ ୪. ୫ ପ୍ରତିଶତ, ସ୍କାଣ୍ଡିନେଭିଆ ୩.୮ ପ୍ରତିଶତ, କ୍ୱାତର ୨.୪ ପ୍ରତିଶତ, ଜାପାନ ୧.୩ ପ୍ରତିଶତ ଏବଂ ସିଙ୍ଗାପୁରରେ ମହିଳା ପାଇଲଟଙ୍କ ହାର ୧ ପ୍ରତିଶତ ରହିଛି । କିନ୍ତୁ ଏହି ରିପୋର୍ଟରେ ଭାରତୀୟ ମହିଳା ପାଇଲଟଙ୍କ ହାର ସବୁଠୁ ଅଧିକ ଭାବେ ୧୨.୪ ପ୍ରତିଶତ ରହିଛି । ଯାହାକି ପରବର୍ତ୍ତୀ ସମୟରେ ବୃଦ୍ଧିପାଇ ମୋଟ ପାଇଲଟ ସଂଖ୍ୟାର ୧୫ ପ୍ରତିଶତ ଛୁଇଁଛି । ବର୍ତ୍ତମାନ କେବଳ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ନୁହେଁ, ବରଂ ଭାରତୀୟ ବାୟୁସେନାରେ ମଧ୍ୟ ମହିଳା ପାଇଲଟଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଉଲ୍ଲେଖଯୋଗ୍ୟ ଯେ, ୧୯୮୯ରେ ବିଶ୍ୱସ୍ତରରେ ସବୁଠୁ କମ୍ ବୟସ୍କା କମର୍ସିଆଲ ଏୟାରଲାଇନ୍ସର କ୍ୟାପଟେନ ହୋଇ ନିବେଦିତା ଭାସିନ ଆନ୍ତର୍ଜାତିକ ମହଲରେ ଚର୍ଚ୍ଚିତ ରହିଥିଲେ ।

# ବିଦେଶରେ ଲୁଚିଛନ୍ତି ଭାରତର ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର

ନୂଆଦିଲ୍ଲୀ:ଭାରତର ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ବିଦେଶରେ ଲୁଚି ରହିଛନ୍ତି । ଏମାନେ ବିଦେଶରୁ ଭାରତର ବିରୋଧୀ କାର୍ଯ୍ୟକଳାପ ଚଳାଉଛନ୍ତି । ନିଜ ଗ୍ୟାଙ୍ଗ ମାଧ୍ୟମରେ ଦେଶରେ ହତ୍ୟା, ବେଆଇନ ଅସ୍ତ୍ରଶସ୍ତ୍ର କାରବାର ଏବଂ ଚାନ୍ଦା ଆଦାୟ କାମ କରୁଛନ୍ତି। ଭାରତ ବିରୋଧୀଙ୍କ ଗଡ଼ ପାଲଟି ଥିବା କାନାଡାରେ ସର୍ବାଧିକ ୯ ଗ୍ୟାଙ୍ଗଷ୍ଟର ଅଛନ୍ତି। ଆମେରିକାରେ ମଧ୍ୟ ୫ ଜଣ ରହିଛନ୍ତି । ନ୍ୟାସନାଲ୍ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍ଆଇଏ) ଏଭଳି ୨୮ ଗ୍ୟାଙ୍ଗଷ୍ଟରଙ୍କ ତାଲିକା ପ୍ରସ୍ତୁତ କରିଛି । ଏହି ତାଲିକାର ଶୀର୍ଷରେ ପଞ୍ଜାବୀ ଗୀତିକାର ସିଦ୍ଧୁ ମୁସ୍ୱୋଲାଙ୍କ ହତ୍ୟାକାରୀ ଲରେନ୍ସ ଗ୍ୟାଙ୍ଗର ଗ୍ୟାଙ୍ଗଷ୍ଟର ଗୋଲ୍ଡି ବରାଡ ସାମିଲ ରହିଛି। ପଞ୍ଜାବ ଏବଂ ରାଜସ୍ଥାନରେ ରହ କିଛି ଗ୍ୟାଙ୍ଗଷ୍ଟର ମଧ୍ୟରେ ଏଥିରେ ସାମିଲ ଅଛନ୍ତି । ଏନ୍ଆଇଏ ଅନୁଯାୟୀ, ଏହି ଗ୍ୟାଙ୍ଗଷ୍ଟର ଦେଶରେ ଅପରାଧ କରିବା ପରେ ଜାଲ୍ ପାସ୍‌ପୋର୍ଟ ବନାଇ ବିଦେଶ ପଳାଇ ଥିଲେ । ଗୋଲ୍ଡି ବରାଡ ଆମେରିକାରେ ଲୁଚି ରହିଛି । ବବର ଖାଲସା ଇଣ୍ଟରନ୍ୟାସନାଲ୍ (ବିକେଆଇ)କୁ ଚଲାଉଥିବା ଲଖବୀର ସିଂହ ଓରଫ ଲଣ୍ଡା ସହ ବରାଡର ସମ୍ପର୍କ ରହିଛି। ଲଣ୍ଡା ବିରୋଧରେ ମୋହାଲି ଏବଂ ତରନତାରନରେ ରକେଟ ପ୍ରୋପେଲ୍ଡ ଗ୍ରେନେଡ ଆକ୍ରମଣ କରିବାର ଅଭିଯୋଗ ରହିଛି। ଏହି ତାଲିକାରେ ଗ୍ୟାଙ୍ଗଷ୍ଟର ଲରେନ୍ସର ଭାଇ ଅନମୋଲ ଏବଂ ଭଣଜା ସଚ୍ଚିନ ଥାପନ ମଧ୍ୟ ସାମିଲ ଅଛି । ଅନମୋଲ ଆମେରିକାରେ ଏବଂ ଥାପନ ଅଜରବୈଜାନରେ ଲୁଚିଛି ।

**୨୮ ଜଣଙ୍କ ତାଲିକା ପ୍ରସ୍ତୁତ କରିଛି ଏନ୍ଆଇଏ**

ଅନମୋଲ ଆମେରିକାରୁ ନିଜ ଗ୍ୟାଙ୍ଗ ମାଧ୍ୟମରେ ଆପରାଧିକ ଷଡ଼ଯନ୍ତ୍ର କରି ଫିଲ୍ମ ଷ୍ଟାର, ଗୀତିକାର ଏବଂ ବ୍ୟବସାୟୀଙ୍କୁ ନିଶାଣ କରୁଛି । ପାକିସ୍ତାନ ସହ ମଧ୍ୟ ତାର ସମ୍ବନ୍ଧ ରହିଛି । କିଛି ଦିନ ତଳେ ଅନମୋଲକୁ ଦୁବାଇ ଏବଂ ସଚିନକୁ ଅଜରବୈଜାନରେ ଅଟକ ରଖାଯାଇଥିବା ଖବର ସାମ୍ନାକୁ ଆସିଥିଲା । ଏନ୍ଆଇଏର ଏହି ତାଲିକାରେ ବବିହା ଗ୍ୟାଙ୍ଗର ଲକି ପଟିଆଲା ମଧ୍ୟ ରହିଛି । ସେ ଆର୍ମିନିଆରେ ଲୁଚିଛି । ସାର୍ପସୁଟର ଦବିନ୍ଦର ବବିହାର ଏନକାଉଣ୍ଟର ପରେ ଲକି ପଟିୟାଲ ଏବଂ ସୁଖପ୍ରୀତ ବୁଢା ଏହି ଗ୍ୟାଙ୍ଗ ଚଳାଉଛି। ସୁଖପ୍ରୀତ ଏବେ ଜେଲ୍‌ରେ ରହିଛି । ଏହି ତାଲିକାରେ ପାକିସ୍ତାନରେ ଥିବା ଏହି ଗ୍ୟାଙ୍ଗଷ୍ଟରକୁ ଦେଶକୁ ଆଣିବା ପାଇଁ ଅନ୍ୟ ଦେଶ ସହ ପ୍ରତ୍ୟର୍ପଣ ଚୁକ୍ତି କରିବାକୁ ପଡିଥାଏ । ୧୪ ଦେଶରେ ଏହି ୨୮ ଗ୍ୟାଙ୍ଗଷ୍ଟର ଲୁଚି ରହିଛନ୍ତି । ଏଥିରୁ ୨ ରାଷ୍ଟ୍ର ପାକିସ୍ତାନ ଏବଂ ଆର୍ମେନିଆ ସହ ଭାରତ ଚୁକ୍ତି କରିନାହିଁ । ଅନ୍ୟ ୧୨ ଦେଶ ଆମେରିକା, କାନାଡା, ୟୁଏଇ, ୟୁରୋପ, ଅଜରବୈଜାନ, ମାଲେସିଆ, ବ୍ରାଜିଲ, ଇଣ୍ଡୋନେସିଆ, ଫିଲିପାଇନ୍ସ, ଜର୍ମାନୀ, ଅଷ୍ଟ୍ରେଲିଆ, ହଂକଂ ସହିତ ଚୁକ୍ତି ରହିଛି । ଗ୍ୟାଙ୍ଗଷ୍ଟରଙ୍କ ମଧ୍ୟରୁ ହରଜୋତ ସିଂହ ଗିଲ, ଦରମନଜିତ ସିଂହ, ଅମୃତ ବଲ୍ ଆମେରିକାରେ, ସୁଖଦୁଲ ସିଂହ, ଗୁରପିନ୍ଦର ସିଂହ, ସତବୀର ସିଂହ, ସନେୱାର ସିଂହ, ଅର୍ଶଦୀପ ସିଂହ, ଚରନଜିତ ସିଂହ, ରାମଦୀପ ସିଂହ, ଗଗନଦୀପ ସିଂହ କାନାଡାରେ ରହିଛି।

# ନ୍ୟାୟ ପ୍ରଦାନରେ ଓଡ଼ିଶା ୧୦ମ

## ଇଣ୍ଡିଆନ ଜଷ୍ଟିସ୍ ରିପୋର୍ଟ-୨୦୨୨

ନୂଆଦିଲ୍ଲୀ: ଦେଶରେ ନ୍ୟାୟ ପ୍ରଦାନ ତାଲିକାରେ ଓଡ଼ିଶା ୧୦ ନମ୍ବର ସ୍ଥାନରେ ରହିଛି। ୧୮ ରାଜ୍ୟକୁ ନେଇ ପ୍ରକାଶିତ ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ(ଆଇଜେଆର୍) ୨୦୨୨ରେ ଓଡ଼ିଶା ପୂର୍ବାପେକ୍ଷା ଗୋଟିଏ ସ୍ଥାନକୁ ଉନ୍ନୀତ ହୋଇଛି। ୨୦୨୦ ରିପୋର୍ଟରେ ଏହା ୧୧ତମ ସ୍ଥାନରେ ଥିଲା । ୨୦୧୯ରେ ଟାଟା ଟ୍ରଷ୍ଟ ପକ୍ଷରୁ ଆରମ୍ଭ କରାଯାଇଥିବା ଆଇଜେଆର୍‌ର ତୃତୀୟ ସଂସ୍କରଣ ନୂଆଦିଲ୍ଲୀଠାରେ ମଙ୍ଗଳବାର ପ୍ରକାଶ ପାଇଛି ।

ନ୍ୟାୟ ପ୍ରଦାନରେ ବୃହତ ଏବଂ ମଧ୍ୟମ ରାଜ୍ୟ ବର୍ଗରେ କର୍ଣ୍ଣାଟକ ପ୍ରଥମ ସ୍ଥାନରେ ରହିଥିବାବେଳେ କ୍ଷୁଦ୍ର ରାଜ୍ୟ ବର୍ଗରେ ସିକିମ୍ ସର୍ବାଗ୍ରେ ରହିଛି । ନ୍ୟାୟ ପ୍ରଦାନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୪ଟି ସ୍ତମ୍ଭ ଯଥା ପୋଲିସ୍, ବିଚାର ବିଭାଗ, ଜେଲ୍ ଏବଂ ଆଇନ ସହାୟତାକୁ ନେଇ ଆଇଜେଆର୍ ଏହି ତାଲିକା ପ୍ରସ୍ତୁତ କରିଥାଏ। ପ୍ରତ୍ୟେକ ସ୍ତମ୍ଭରେ ରହିଥିବା ଅର୍ଥ ବ୍ୟବସ୍ଥା, ମାନବ ସମ୍ବଳ, କାର୍ଯ୍ୟଚାପ, ବିକେନ୍ଦ୍ରୀକରଣ ଏବଂ ଭିତ୍ତିଭୂମିକୁ ଆଧାର କରାଯାଇଥାଏ । ଏଥିସହିତ ମୌଳିକ ସେବା ଯୋଗାଇବାକୁ ରହିଥିବା ନ୍ୟାୟିକ ବ୍ୟବସ୍ଥାରେ ରାଜ୍ୟର ପ୍ରଦର୍ଶନକୁ ମଧ୍ୟ ମାନଦଣ୍ଡ ଭାବେ ଗ୍ରହଣ କରାଯାଇଥାଏ ।

୨୦୨୨ ଜାନୁୟାରୀରେ ରାଜ୍ୟରେ ମହିଳା ପୋଲିସଙ୍କ ସଂଖ୍ୟା ମାତ୍ର ୧୦.୫ ପ୍ରତିଶତ ରହିଥିଲା। ସେହିପରି ବିଚାର ବିଭାଗ କଥା ଦେଖିଲେ ତଳ କୋର୍ଟଗୁଡ଼ିକରେ ମହିଳା ବିଚାରପତିଙ୍କ ସଂଖ୍ୟା ମୋଟ ସଂଖ୍ୟାର ୪୪.୪ ପ୍ରତିଶତ ରହିଥିବାବେଳେ ହାଇକୋର୍ଟରେ ୨୦୨୨ ଡିସେମ୍ବର ସୁଦ୍ଧା ମାତ୍ର ୪.୫ ପ୍ରତିଶତ ରହିଥିଲା । ଏପରି କି ସେଥିମଧ୍ୟରୁ ୨୦୨୨ ଜୁଲାଇ ସୁଦ୍ଧା ତଳ କୋର୍ଟଗୁଡ଼ିକରେ ସଂରକ୍ଷିତ ବ୍ୟବସ୍ଥାରେ ଚାକିରି ପାଇଥିବା ମହିଳା ବିଚାରପତିଙ୍କ ସଂଖ୍ୟା ୧୧ ପ୍ରତିଶତ ଥିବା ରିପୋର୍ଟରେ ପ୍ରକାଶ ପାଇଛି । ୨୦୨୨ ଜାନୁୟାରୀ ସୁଦ୍ଧା ଓଡ଼ିଶାରେ ୧,୨୨୭ଜଣ ଲୋକରେ ଜଣେ ମାତ୍ର ପୋଲିସ୍ କର୍ମଚାରୀ ରହିଛନ୍ତି, ଯାହାକି ଅନ୍ତଃରାଷ୍ଟ୍ରୀୟସ୍ତରର ମାନଠାରୁ ବହୁ କମ୍ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ୨୦୨୦-୨୧ରେ ପଞ୍ଜାବରେ ଜଣେ ପୋଲିସ୍ ପିଛା ୨,୦୫୫ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଓଡ଼ିଶାରେ ମାତ୍ର ୭୬୩ ଟଙ୍କା ଖର୍ଚ୍ଚ ହେଉଛି ।

# ଦେଶରେ ନୂଆ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଲାଗୁ

**ଘରେ ନେଉଳ ରଖିଲେ ହେବ ୭ ବର୍ଷ ଜେଲ୍**

**ବାଦୁଡ଼ି ମାରି ଖାଇବା ବନ୍ୟପ୍ରାଣୀ ଅପରାଧ**

**ଅଭୟାରଣ୍ୟ ଅଞ୍ଚଳରେ ମିଳିବନି ବନ୍ଧୁକ ଲାଇସେନ୍ସ**

**କାଉ, କୋଇଲି ଓ ବିଲୁଆଙ୍କ ସଂରକ୍ଷଣକୁ ଗୁରୁତ୍ୱ**

ଭୁବନେଶ୍ୱର : ବନ୍ୟପ୍ରାଣୀଙ୍କ ଶିକାର କରୁଥିବା ବା ଏ ସମ୍ପର୍କିତ ଅପରାଧରେ ଜଡ଼ିତ ରହୁଥିବା ଲୋକଙ୍କ ଉପରେ ଏଣିକି କଡ଼ା କାର୍ଯ୍ୟାନୁଷ୍ଠାନ ହେବ । ପୂର୍ବ ତୁଳନାରେ ଏଣିକି ବିଭିନ୍ନ ମାମଲା ପାଇଁ ୪ ଗୁଣା ଅଧିକ ଅର୍ଥ ଦଣ୍ଡ ସହ ଜେଲ ମଧ୍ୟ ଭୋଗିବାକୁ ପଡ଼ିବ । ଏହା ସହିତ ଜଙ୍ଗଲ କିମ୍ବା ଗାଁ ଆଖ ପାଖରେ ବୁଲୁଥିବା ବହୁ ପଶୁ ପକ୍ଷୀଙ୍କୁ ଆକ୍ରମଣ କଲେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । କାରଣ ଏପ୍ରିଲ୍ ୧ ତାରିଖଠାରୁ ସାରା ଦେଶରେ ସଂଶୋଧିତ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ୍ ୨୦୨୨ ଲାଗୁ ହୋଇଛି । ଏହି ସଂଶୋଧିତ ଆଇନ୍‌ରେ ବହୁ କଡ଼ା କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା କରାଯାଇଥିବାରୁ ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ ଏହା ପ୍ରଭାବୀ ହେବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଆଶା ପ୍ରକଟ କରିଛନ୍ତି ।

ସଂଶୋଧିତ ଆଇନ୍‌ରେ ସିଡ୍ୟୁଲ (ଅନୁସୂଚିତ) ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି । ସିଡ୍ୟୁଲ୍-୧ ଓ ୨ ରେ ଭାରତୀୟ ବନ୍ୟପ୍ରାଣୀମାନଙ୍କୁ ରଖାଯାଇଥିବା ବେଳେ ସିଡ୍ୟୁଲ୍-୩ରେ ଗଛ ଓ ସିଡ୍ୟୁଲ୍-୪ରେ ବିଦେଶୀ ପଶୁ ପକ୍ଷୀଙ୍କୁ ସାମିଲ୍ କରାଯାଇଛି । ସିଡ୍ୟୁଲ-୧ର ପାର୍ଟ-ଏରେ ସ୍ତନ୍ୟପାୟୀ ପ୍ରାଣୀ ରହିଛନ୍ତି । ଏଥିରେ ବାଦୁଡ଼ି, ଭାଲୁ, ବିଲୁଆ, ବଣଭୁଆଁ, ନେଉଳ, ଶାଳଆପତନି, ଝିଙ୍କ ଆଦି ରହିଛନ୍ତି । ସିଡ୍ୟୁଲ୍-୧ର ପାର୍ଟ-ବି ପକ୍ଷୀଙ୍କୁ ସାମିଲ କରାଯାଇଛି । ଏଥିରେ ପେଚାଙ୍କ ସୁରକ୍ଷା ପାଇଁ ଗୁରୁତ୍ୱ ଦିଆଯାଇଛି। ଯାହାଦ୍ୱାରା ମୟୂର ଭଳି ପେଚାଙ୍କୁ ମଧ୍ୟ ଶିକାର କିମ୍ବା ଆକ୍ରମଣ କଲେ ଅର୍ଥଦଣ୍ଡ ସାଙ୍ଗକୁ ଜେଲ୍‌ର ମଧ୍ୟ ବ୍ୟବସ୍ଥା ହୋଇଛି।

ସେହିପରି ଶଙ୍ଖଚିଲ, ଛଞ୍ଚାଣ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି । ପାର୍ଟ-ସିରେ ସାପଙ୍କୁ ରଖାଯାଇଛି । ପୂର୍ବରୁ ଓଡ଼ିଶାରେ ଦେଖାଯାଉଥିବା ଅଜଗର ଏହି ବର୍ଗରେ ଥିବା ବେଳେ ସଂଶୋଧିତ ଆଇନ୍‌ରେ ନାଗ, ତମ୍ପ, ଧମଣା, ଧଣ୍ଡ, ଚନ୍ଦନ ବୋଡ଼ା, ଅହିରାଜ ଆଦିକୁ ଏହି ବର୍ଗରେ ସାମିଲ୍ କରାଯାଇଛି । ପାର୍ଟ-ଡିଦରେ ଉଭୟଚର ପ୍ରାଣୀ ଭାବେ ବେଙ୍ଗ ପାର୍ଟ-ଇଦ ରେ ସାର୍କ ଓ ସାଙ୍କୁଚ ଭଳି ପ୍ରାଣୀଙ୍କୁ ରଖାଯାଇଛି । ପାର୍ଟ-ଜିରେ ଗେଣ୍ଡା ଓ ଶାମୁକାଙ୍କୁ ସାମିଲ କରାଯାଇଛି । ଏମିତିକି ୯୬ ପ୍ରକାରର ପ୍ରଜାପତିଙ୍କୁ ସିଡ୍ୟୁଲ୍-୧ରେ ରଖାଯାଇଛି। ପାର୍ଟ-କେଦରେ ୧୨ ପ୍ରଜାତିର ସାମୁଦ୍ରିକ ଜୀବଙ୍କୁ ସାମିଲ କରାଯାଇଛି । ସିଡ୍ୟୁଲ୍-୧ରେ ଥିବା ପ୍ରାଣୀଙ୍କ କ୍ଷେତ୍ରରେ ଯଦି କୌଣସି ଲୋକ ନିୟମ ଉଲ୍ଲଘଂନ କରନ୍ତି ତେବେ ସେମାନଙ୍କ ପାଇଁ ସର୍ବାଧିକ ଦଣ୍ଡବିଧାନ ୩-୭ ବର୍ଷ ପର୍ଯ୍ୟନ୍ତ ରହିଛି । ସିଡ୍ୟୁଲ୍-୨ରେ ହରିଣ, ଠେକୁଆ, ବାରାହା, ଭାରତୀୟ ବାଦୁଡ଼ି, ଗୁଣ୍ଡୁଚିମୁଷା ଆଦି ସ୍ଥାନ ପାଇଥିବା ବେଳେ ବୁଲବୁଲ୍ ଚଢେଇ, ଶୁଆ, ପାଣି କୁଆ, କାଉ ଓ କୋଇଲି ଇତ୍ୟାଦିଙ୍କୁ ଏଥିରେ ସାମିଲ କରାଯାଇଛି ।

ପୂର୍ବରୁ ବନ୍ୟପ୍ରାଣୀ ସମ୍ପର୍କିତ ଅପରାଧ ପାଇଁ ଯେଉଁ କ୍ଷେତ୍ରରେ ଜରିମାନା ୨୫ ହଜାର ଥିଲା ତାହାକୁ ୧ ଲକ୍ଷ ଟଙ୍କା କରାଯାଇଛି । ୧୦ ହଜାର ଜରିମାନା ପରିମାଣକୁ ବୃଦ୍ଧି କରାଯାଇ ୨୫ ହଜାର କରାଯାଇଛି। ଏଣିକି ଅଭୟାରଣ୍ୟ ଅଞ୍ଚଳର ୧୦ କିଲୋମିଟର ପରିମିତ ଅଞ୍ଚଳରେ ବନ୍ଧୁକ ଲାଇସେନ୍ସ ଦିଆଯିବ ନାହିଁ । ଏଥିପାଇଁ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ଅନୁମତି ଆବଶ୍ୟକ ପଡ଼ିବ । ଏମିତି କି ଯେଉଁମାନେ ବନ୍ଧୁକ ଲାଇସେନ୍ସ ପାଇଛନ୍ତି, ସେମାନଙ୍କୁ ନବୀକରଣ ପାଇଁ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କଠାରୁ ଅନୁମତି ଆଣିବାକୁ ପଡ଼ିବ ବୋଲି ସଂଶୋଧିତ ଆଇନ୍‌ରେ ଦର୍ଶାଯାଇଛି ।

# ଶ୍ରୀକ୍ଷେତ୍ରରେ ଆରମ୍ଭ ହେଲା ପ୍ରସିଦ୍ଧ ସାହିଯାତ

ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଯାଇଛି ପ୍ରସିଦ୍ଧ ସାହିଯାତ । ରାମ ନବମୀଠାରୁ ଆସନ୍ତା ଏପ୍ରିଲ ୧୨ ତାରିଖ ଯାଏଁ ଏହା ଚାଲିବ । ସାହିଯାତରେ ନୀତିକାନ୍ତି, ଶୋଭାଯାତ୍ରା ଓ ବାଦିସାହି ପରିକ୍ରମା ବେଶ ଧୁମଧାମରେ ପାଳିତ ହୋଇଛି । ଉତ୍କଳୀୟ ପରମ୍ପରା ଓ ସଂସ୍କୃତିର ପ୍ରାଣ କେନ୍ଦ୍ର ଶ୍ରୀକ୍ଷେତ୍ର । ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଏଠି ପାଳିତ ହୁଏ ବାରମାସରେ ତେର ଯାତ ଓ ଅନେକ ପର୍ବପର୍ବାଣୀ। ପବିତ୍ର ରାମନବମୀ ଅବସରରେ ଶ୍ରୀମନ୍ଦିରରେ ରାମଲୀଳା ଉତ୍ସବ ପାଳିତ ହେଉଥିବା ବେଳେ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥାଏ ସାହିଯାତ । ରାମଜନ୍ମ ଠାରୁ ଆରମ୍ଭ କରି ରାମାଭିଷେକ ପର୍ଯ୍ୟନ୍ତ ସମସ୍ତ ରାମଲୀଳାକୁ ସାହିଯାତରେ ପ୍ରଦର୍ଶିତ କରାଯାଇଥାଏ । ଶ୍ରୀମନ୍ଦିରର ସୁରକ୍ଷା ପାଇଁ ରାଜାରାଜୁଡା ଅମଳରେ ପ୍ରତିଷ୍ଠା କରାଯାଇଥିବା ସାତସାହିର ଜାଗା ଓ ଆଖଡାର ଯୁବକମାନଙ୍କୁ ନେଇ ଏହି ଯାତ୍ରା ପାଳନ କରାଯାଉଛି । ସାହିଯାତର ପ୍ରଥମ ଦିବସରେ ପ୍ରଭୁ ଶ୍ରୀରାମଙ୍କ ବିଭିନ୍ନ ଲୀଳା ପ୍ରଦର୍ଶନ ହୋଇଛି । ପାରମ୍ପରିକ ବୀର ବାଦ୍ୟରେ କମ୍ପୁଛି ଶ୍ରୀକ୍ଷେତ୍ର ମାଟି । ସାହିଯାତରେ ରାମଲୀଳା ସହ ଶ୍ରୀକ୍ଷେତ୍ରର ପରମ୍ପରା ଅନୁଯାୟୀ ନାଗା, ମେଢ଼ ସମେତ ପାରମ୍ପରିକ କ୍ରୀଡ଼ା ଆଦି ପ୍ରଦର୍ଶନ କରାଯାଇଛି । ଆୟୋଜିତ ରାମଲୀଳାରେ ଶ୍ରୀକ୍ଷେତ୍ରବାସୀ ମଧ୍ୟ ସାମିଲ ହୋଇଛନ୍ତି । ପ୍ରଥମ ଦିବସରେ କାଳୀକାଦେବୀ ସାହି ପକ୍ଷରୁ ରାମୟଣର ପୌରାଣିକ ଚରିତ୍ର ବାହାରି ପ୍ରଭୁ ଶ୍ରୀରାମଙ୍କ ଜନ୍ମନୀତି ଅନୁଷ୍ଠିତ ହୋଇଛି । ରାମ, ଲକ୍ଷ୍ମଣ, ଶତ୍ରୁଘ୍ନ, ଭରତ, ଋଷ୍ୟଶୃଙ୍ଗ ଓ ମୁନି ଚରିତ୍ର ବାହାରି ଶ୍ରୀମନ୍ଦିରରେ ନୀତି ସମ୍ପାଦନା ସମେତ ନଗର ପରିକ୍ରମା କରିଥିଲେ । ଜାଗା ଘରର ଯୁବକମାନେ ପାରମ୍ପରିକ କ୍ରୀଡ଼ା କୌଶଳ ଦେଖାଇଥିଲେ । ଏହି ସାହିଯାତ କାଳୀକାଦେବୀ ସାହିରୁ ବାହାରି ବନ୍ଧୁ ସାହି ମାଟି ମଣ୍ଡପ ସାହିକୁ ପ୍ରଦକ୍ଷଣ କରିଥିଲା । ସାହିଯାତ ଶୋଭାଯାତ୍ରାକୁ ସହରର ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ ।















# ରିଲେସନ୍‌ରେ ଆଦିତ୍ୟ-ଅନନ୍ୟା



ଆଜିକାଲି ଆଦିତ୍ୟ ରୟ କପୁର ଏବଂ ଅନନ୍ୟା ପାଣ୍ଡେ ସେମାନଙ୍କର ବୃତ୍ତିଗତ ଜୀବନ ଅପେକ୍ଷା ସେମାନଙ୍କର ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ଅଛନ୍ତି । ଉଭୟ ମଧପରସ୍ପରକୁ ଡେଟ୍ କରୁଛନ୍ତି ବୋଲି କୁହାଯାଉଛି । ଏହାକୁ ନେଇ ଏବେ ଏକ ଗୁଜବ ଆସିଛି । ପ୍ରଶଂସକମାନେ ଉଭୟଙ୍କ ବିବାହ ବିଷୟରେ ମଧ୍ୟ କହୁଛନ୍ତି । ଏନେଇ ଦୁହେଁ ଚର୍ଚ୍ଚାରେ ଅଛନ୍ତି । ବଲିଉଡର ସୁନ୍ଦର ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଏବଂ ଆଦିତ୍ୟ ରୟ କପୁରଙ୍କ ପ୍ରେମ ସମ୍ପର୍କ ଦୀର୍ଘ ଦିନରୁ ବଲିଉଡ କରିଡରରେ ଚର୍ଚ୍ଚା ହେଉଛି । ଅତୀତରେ ଦୁହେଁ ଏକାଠି ରାମ୍ପ୍ ଚାଲୁଥିବାର ମଧ୍ୟ ଦେଖାଯାଇଥିଲା । ଏହା ପରେ ଆଦିତ୍ୟ ଏବଂ ଅନନ୍ୟା ନିଜ ସମ୍ପର୍କକୁ ସାର୍ବଜନୀନ କରିବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି କୁହାଯାଉଛି ।

ତେବେ ବର୍ତ୍ତମାନ ଏହି ସମ୍ପର୍କକୁ ନେଇ ଦୁହେଁ ଖୋଲାଖୋଲି ପ୍ରତିକ୍ରିୟା ରଖିନାହାଁନ୍ତି । କିନ୍ତୁ ଉଭୟଙ୍କୁ ଅନେକ ସମୟରେ ଏକାଠି ଦେଖିବାକୁ ମିଳେ। ଯଦି ଏହି ରିପୋର୍ଟକୁ ବିଶ୍ୱାସ କରାଯାଏ ତେବେ ଉଭୟଙ୍କ ପରିବାର ମଧ୍ୟ ଏହି ସମ୍ପର୍କ ପାଇଁ ସବୁଜ ସଙ୍କେତ ଦେଇଛନ୍ତି । ଆଜିକାଲି ସିନା ଆଦିତ୍ୟ ରୟ କପୁରଙ୍କୁ ଅନନ୍ୟା ପାଣ୍ଡେଙ୍କ ସହ ଯୋଡାଯାଇ ଚର୍ଚ୍ଚା ହେଉଛି, କିନ୍ତୁ ଏହାପୂର୍ବରୁ ମଧ୍ୟ ତାଙ୍କ ନାଦ ଅନେକ ଅଭିନେତ୍ରୀଙ୍କ ସହ ଜଡିତ ଥିଲା। ଏହାପୂର୍ବରୁ ତାଙ୍କ ନାଦ ତାଙ୍କ ହିଟ୍ ଫିଲ୍ମ ଆଶିକୀ ୨ ଦର ଆରୋହୀ ବା ଶ୍ରଦ୍ଧା କପୁରଙ୍କ ସହ ଜଡିତ ଥିଲା । ଏହି ଚଳଚ୍ଚିତ୍ର ପରେ ସେମାନଙ୍କ ସମ୍ପର୍କର ଖବର ମଧ୍ୟ ସାମ୍ନାକୁ ଆସିଥିଲା । ତେବେ ବର୍ତ୍ତମାନ କୁହାଯାଉଛି ଯେ ଆଦିତ୍ୟ ରୟ କପୁର ଏବଂ ଅନନ୍ୟା ପାଣ୍ଡେ ଡେଟିଂ କରୁଛନ୍ତି । ଅତୀତରେ, ପ୍ରଶଂସକମାନେ ଉଭୟଙ୍କୁ ଏକାଠି ଅନେକ ଥର ଦେଖିଥିବେ। କୁହାଯାଉଛି ଯେ ଉଭୟଙ୍କ ପ୍ରେମ ଏକ ପାର୍ଟୀରୁ ଆରମ୍ଭ ହୋଇଥିଲା । ଆଦିତ୍ୟ ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ଲୋକଙ୍କୁ ଇଶାରା ଦେଇଛନ୍ତି ଯେ ସେ ଅନନ୍ୟା ପାଣ୍ଡେଙ୍କ ସହ ରିଲେସନ୍‌ରେ ଅଛନ୍ତି । ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ଏକ ସୂତ୍ରରୁ ଜଣାପଡିଛି ଯେ ଅନନ୍ୟା ଏବଂ ଆଦିତ୍ୟ ପରସ୍ପର ପ୍ରତି ବହୁତ ସିରିୟସ୍ । ଉଭୟଙ୍କ ପରିବାର ମଧ୍ୟ ସେମାନଙ୍କ ସମ୍ପର୍କକୁ ସବୁଜ ସଙ୍କେତ ଦେଇଛନ୍ତି । ଆଦିତ୍ୟ-ଅନନ୍ୟା ଖୁବ୍ ଶୀଘ୍ର ସେମାନଙ୍କ ସମ୍ପର୍କକୁ ନେଇ ଆଗକୁ ଯିବାକୁ ଚାହାଁନ୍ତି । ତେବେ ପ୍ରଶଂସକମାନେ ଅନୁମାନ କରୁଛନ୍ତି ଯେ ଉଭୟ ଖୁବ୍ ଶୀଘ୍ର ବିବାହ କରିବାକୁ ଯାଉଛନ୍ତି। ପୁଣି ସୂଚନାରୁ ଜଣାପଡିଛି ଯେ ସେମାନେ ଏନେଇ ତତ୍ପର ନୁହଁନ୍ତି । ବର୍ତ୍ତମାନ ଉଭୟ ପରସ୍ପରକୁ ସମୟ ଦେବାକୁ ଚାହାଁନ୍ତି । ଏହି ଦୁଇଜଣ ଖୁବ୍ ଶୀଘ୍ର ଏକତ୍ର ଛୁଟି ମନେଇବାକୁ ଯାଇପାରନ୍ତି । ଅନନ୍ୟା ଏବଂ ଆଦିତ୍ୟ ସେମାନଙ୍କ ସମ୍ପର୍କକୁ ନେଇ ଅଧିକ ସମୟ ଦେବାକୁ ଚାହାଁନ୍ତି । ଆଗାମୀ ଦିନରେ ଖୁବ୍ ଶୀଘ୍ର ଉଭୟ ସେମାନଙ୍କ ପ୍ରେମକୁ ବ୍ୟକ୍ତ କରି ଲୋକଙ୍କୁ ଆଶ୍ଚର୍ଯ୍ୟ କରିପାରନ୍ତି ।



# ସକାଳେ ଖାଆନ୍ତୁ ଏହି ୩ଟି ପତ୍ର

## ନିୟନ୍ତ୍ରଣରେ ରହିବ ସୁଗାର-ହାଇ ବ୍ଲଡ୍ ପ୍ରେସର



**ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ଉଚ୍ଚ ରକ୍ତଚାପ ଏବଂ ମଧୁମେହ ରୋଗରେ ପୀଡିତ । ଏହି ଦୁଇଟି ସ୍ୱାସ୍ଥ୍ୟ ଅବସ୍ଥା ଆହୁରି ଅନେକ ସମସ୍ୟାକୁ ଆମନ୍ତ୍ରଣ କରିପାରେ । ମଧୁମେହ ପାଇଁ ଘରୋଇ ଉପଚାର ଏବଂ ଉଚ୍ଚ ରକ୍ତଚାପ ପାଇଁ ପ୍ରାକୃତିକ ଉପଚାର ଅତ୍ୟନ୍ତ ଲାଭଦାୟକ ଏବଂ ପ୍ରଭାବଶାଳୀ ହୋଇପାରେ। ପ୍ରାୟତ ଆମେ ଏହି ପ୍ରମୁଖ ରୋଗଗୁଡ଼ିକୁ ନିୟନ୍ତ୍ରଣ କରିବାର ସହଜ ଉପାୟ ବିଷୟରେ ଜାଣିନଥାଉ । ଯେଉଁ କାରଣରୁ ଆମେ କେବଳ ଔଷଧ ଉପରେ ନିର୍ଭର କରୁ । ତେବେ ମଧୁମେହ ଏବଂ ସାଧାରଣ ରକ୍ତଚାପ ପାଇଁ ସାଧାରଣ ସନ୍ତୁଳନ ଖାଦ୍ୟ ବା ସୁସ୍ଥ ଖାଦ୍ୟ ବଜାୟ ରଖିବା ଆବଶ୍ୟକ। ଏଠାରେ ତିନୋଟି ପତ୍ରର ମିଶ୍ରଣ ଅଛି । ଯାହା ପ୍ରତିଦିନ ସକାଳେ ଖାଲି ପେଟରେ ଖାଇଲେ ମଧୁମେହ ଏବଂ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଆଶ୍ଚର୍ଯ୍ୟଜନକ କାମ କରିଥାଏ।**

➲ ତୁଳସୀକୁ ଔଷଧୀୟ ଗୁଣର ରାଣୀ କୁହାଯାଏ । ଏହା ଆମ ଶରୀରକୁ ଅନେକ ରୋଗରୁ ରକ୍ଷା କରିଥାଏ । ଅନେକ ଅଧ୍ୟୟନରୁ ଜଣାପଡିଛି ଯେ ଖାଲି ପେଟରେ ବେସନ ପତ୍ର ଖାଇବା ଦ୍ୱାରା ଟାଇପ୍-୨ ମଧୁମେହ ରୋଗୀଙ୍କ ରକ୍ତରେ ସୁଗାର ଲେବଲ କମିଯାଏ। କିନ୍ତୁ ଯଦି ଆମେ ଏହାକୁ ଅଧିକ ମାତ୍ରାରେ ଖାଇଲେ ଦାନ୍ତର ଏନାଲ୍ କ୍ଷତି ହୋଇପାରେ । ତେଣୁ ଏହି ପତ୍ରଗୁଡ଼ିକୁ ଏକ ମିଶ୍ରଣରେ କିଛି ପାଣି ସହିତ ମିଶାଇ ଏହାକୁ ଖାଇବା ଭଲ ।

➲ ଭାରତୀୟ ପତ୍ରରେ ବ୍ୟବହୃତ ହେଉଥିବା ତରକାରୀ ପତ୍ର ଏକ ସାଧାରଣ ଉପାଦାନ। ପତ୍ରଗୁଡ଼ିକ କେବଳ ଆପଣଙ୍କ ଖାଦ୍ୟରେ ସୁଗନ୍ଧ ଯୋଗାଏ ନାହିଁ ବରଂ ଅନେକ ସ୍ୱାସ୍ଥ୍ୟ ଉପକାର ମଧ୍ୟ କରିଥାଏ। ତରକାରୀ ପତ୍ରର ନିୟମିତ ବ୍ୟବହାର ଇନସୁଲିନ୍ ତିଆରି କରୁଥିବା କୋଷଗୁଡ଼ିକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏହି କୋଷଗୁଡ଼ିକ ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ।

➲ ନିମ୍ ପତ୍ରର ଅନେକ ସ୍ୱାସ୍ଥ୍ୟ ଉପକାର ମଧ୍ୟ ଅଛି । ପ୍ରମାଣ ଅଛି ଯେ ପ୍ରତିଦିନ ନିମ୍ ପତ୍ର ଖାଇବା ଦ୍ୱାରା ରକ୍ତରେ ସୁଗାର ସ୍ତର କମିଯାଏ। ଯଦି ଆପଣଙ୍କର ମଧୁମେହ ଅଛି, ତେବେ ନିୟମିତ ଭାବରେ ଆପଣଙ୍କର ରକ୍ତରେ ସୁଗାର ସ୍ତର ଉପରେ ନଜର ରଖନ୍ତୁ କାରଣ ଅଧିକ ଖାଇବା ଦ୍ୱାରା ଆପଣଙ୍କ ରକ୍ତରେ ସୁଗାର ବହୁତ କମ୍ ହୋଇପାରେ ।

# ଖରାପାଇଁ କାକୁଡି ଜୁସ୍

କାକୁଡ଼ିକୁ ଅନେକେ ସାଲାଡ୍ କରି ଖାଇବାକୁ ପସନ୍ଦ କରିଥାନ୍ତି । କାରଣ ଏହା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବା ସହ ଖାଦ୍ୟକୁ ହଜମ କରାଇବାରେ ବିଶେଷ ସହାୟକ ହୋଇଥାଏ । କାକୁଡିକୁ ଯେ କେବଳ ସାଲାଡ୍ କରି ଖାଇହେବ ତାହା ନୁହେଁ, ଏହାକୁ ଗ୍ରାଇଣ୍ଡିଂ କରି ଏହାର ଜୁସ୍‌କୁ ମଧ୍ୟ ପିଇଲେ ଶରୀରକୁ ଅନେକ ଫାଇଦା ମିଳିଥାଏ। ବିଶେଷକରି ଖରାଦିନେ ଏହାର ଜୁସ୍ ପିଇବା ଶରୀର ପାଇଁ ବହୁତ ଉପକାରୀ ହୋଇଥାଏ । କୁହାଯାଏ ଖରାଦିନେ ନିୟମିତ ବ୍ୟବଧାନରେ କାକୁଡି ଜୁସ୍ ପିଇଲେ ମନ, ମସ୍ତିଷ୍କ ଓ ସ୍ୱାସ୍ଥ୍ୟ ଭଲ ରହିଥାଏ। ଏପରିକି ଓଜନ କମାଇବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ବି ଚାହିଁଲେ ନିଜ ଡାଏଟ୍ ଚାର୍ଟରେ କାକୁଡି ଜୁସ୍‌କୁ ସାମିଲ କରିପାରିବେ । କାରଣ ଏହା ଶୀଘ୍ର ଓଜନ କମାଇବାରେ ବେଶ୍ ସହାୟକ ହୋଇଥାଏ । ଅନ୍ୟପକ୍ଷେ ଏହି ଜୁସ୍‌ରେ ପ୍ରଚୁର ମାତ୍ରାରେ ଭିଟାମିନ୍ ବି, ସି, କେ, ପୋଟାସିୟମ୍ ଓ ଆଣ୍ଟିଅକ୍ସିଡାଣ୍ଟ ରହୁଥିବାରୁ ଚେହେରାକୁ ଉଜ୍ଜ୍ୱଳତା ପ୍ରଦାନ କରିବା ସହ ଶରୀରକୁ ହାଇଡ୍ରେଟ୍ ରଖିବାରେ ବି ଏହା ବେଶ୍ ସାହାଯ୍ୟ କରିଥାଏ । କ୍ୟାନ୍ସର୍ ସହ ଲଢ଼ିବା, ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା, ଶରୀରର ଅସ୍ଥିଗୁଡ଼ିକୁ ମଜବୁତ କରିବା, ପାଚନ କ୍ରିୟାକୁ ସକ୍ରିୟ କରିବା ତଥା ମୁଖର ଦୁର୍ଗନ୍ଧକୁ ଦୂର କରିବାରେ ବି କାକୁଡି ଜୁସ୍ ବହୁତ ଉପକାରୀ ହୋଇଥାଏ ।



THE AADHAR ODISHA
ଆଧାର ଓଡ଼ିଶା

# ନାହିଁ ନାହିଁରେ ଚାଲିଛି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଭଦ୍ରକ: ବିପର୍ଯ୍ୟସ୍ତ ରୋଗୀ ସେବା । ନାହିଁ ନାହିଁରେ ଚାଲିଛି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର । କେତେବେଳେ ଡାକ୍ତର ନାହାନ୍ତି ତ କେତେବେଳେ ଆନୁଷଙ୍ଗିକ ଉପକରଣ ନାହିଁ । ଫଳରେ ରୋଗୀଙ୍କୁ ମିଳୁନି ସ୍ୱାସ୍ଥ୍ୟ ସେବା । ରକ୍ତ ଅଭାବରୁ କେହି ମୃତ୍ୟୁବରଣ କରିବେ ନାହିଁ କି ରକ୍ତ ପାଇଁ ରୋଗୀଙ୍କୁ ହଇରାଣ ହେବାକୁ ପଡ଼ିବ ନାହିଁ। ସେଥିପାଇଁ ବାସୁଦେବପୁର ମେଡିକାଲ ପରିସରରେ ୨୦୦୪ ମସିହାରେ ମୁଖ୍ୟମନ୍ତ୍ରୀ ରକ୍ତ ଭଣ୍ଡାର ଗୃହକୁ ଉଦଘାଟନ କରିଥିଲେ । ଆଉ ଏଥିପାଇଁ ଜଣେ ଡାକ୍ତର ଓ ଟେକନିସିଆନ ତାଲିମ ପ୍ରାପ୍ତ ହେଇଥିଲେ । ଏହା ସହ ଆନୁସଙ୍ଗିକ ଉପକରଣ ସହ ରେଫ୍ରିଜରେଟର ମଧ୍ୟ ଆସିଥିଲା । ପରେ ପରେ ୨୦୧୨ ମସିହାରେ ଅନୁମତି ମିଳିବା ପରେ ୨୦୧୩ ମସିହାରେ ରକ୍ତ ଷ୍ଟରେଜ ୟୁନିଟ୍ କାର୍ଯ୍ୟକ୍ଷମ ହେଇଥିଲା । ଆଉ ରକ୍ତ ପାଇଁ ରୋଗୀଙ୍କୁ ଭଦ୍ରକ ଯିବାକୁ ପଡିବନି ଓ ରୋଗୀଙ୍କ ସମ୍ପର୍କୀୟଙ୍କ ହଇରାଣ ହେବାକୁ ପଡିବନି । ସେଥିଲାଗି ସ୍ଥାନୀୟ ଲୋକମାନେ ଖୁସି ହୋଇଯାଇଥିଲେ । ହେଲେ କାର୍ଯ୍ୟକ୍ଷମ ହେବା ଠାରୁ ଆଜି ପର୍ଯ୍ୟନ୍ତ ଷ୍ଟୋରେଜ ୟୁନିଟ୍ ଅଚଳ ହେଇ ପଡିଛି । ଫଳରେ ଲୋକଙ୍କ




ସ୍ୱାର୍ଥରେ ଆସିପାରିନି ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେଇଥିବା ଏହି ୟୁନିଟ୍ । ବର୍ଷ ବର୍ଷ ଧରି କୋମାରେ ପଡି ରହିଛି ଏହି ୟୁନିଟ୍ । କାମରେ ନଲାଗିବାରୁ ଆନୁଷଙ୍ଗିକ ଉପକରଣ ନଷ୍ଟ ହେବାକୁ ବସିଲାଣି । ନା ଦୁର୍ଘଟଣାରେ ଗୁରୁତର ରୋଗୀଙ୍କର କାମରେ ଆସୁଛି ନା ପ୍ରସୂତି ଗର୍ଭବତୀ ମହିଳାଙ୍କ ପାଇଁ କାମରେ ଲାଗୁଛି ଏହି ଷ୍ଟୋରେଜ ୟୁନିଟ୍ । ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣାରେ ଗୁରୁତର ହୋଇ ଏହି ମେଡିକାଲରେ ଭର୍ତ୍ତି ହୁଅନ୍ତି । ଆଉ ପ୍ରତ୍ୟେକ ଦିନ ଡେଲିଭରି ହେଉଥିବାରୁ ରୋଗୀଙ୍କ ଲାଗି ରକ୍ତର ଆବଶ୍ୟକତା ପଡିଥାଏ । ଫଳରେ ରୋଗୀଙ୍କ ସମ୍ପର୍କୀୟ ମାନେ ଭଦ୍ରକ ଯାଇ ରକ୍ତ ଆଣିଥାନ୍ତି । ଫଳରେ ସେମାନଙ୍କୁ ବହୁ ହଇରାଣ ହେବାକୁ ପଡିଥାଏ । ଫଳରେ ରୋଗୀଙ୍କର ବହୁ ସମୟରେ ମୃତ୍ୟୁ ମଧ୍ୟ ହେଉଥିବା ଅଭିଯୋଗ ହେଉଛି । କେବଳ ଉପରକୁ ଚକାଚକ ଦେଖା ଯାଉଛି ମେଡିକାଲର କୋଠା ଗୁଡିକ । ହେଲେ ବିଶାଳ ଅଟ୍ଟାଳିକା ଦେଖାଯାଉଥିବା ମେଡିକାଲରେ ରୋଗୀଙ୍କୁ ମିଳୁନି ଉପଯୁକ୍ତ ସେବା । ଅନ୍ୟପଟେ ବାସୁଦେବପୁର ମେଡିକାଲରେ ଡାକ୍ତରଙ୍କ ଘୋର ଅଭାବରୁ ରୋଗୀସେବା ସେବା ବିପର୍ଯ୍ୟସ୍ତ ହେଇପଡିଛି । ମେଡିକାଲରେ ୧୯ଜଣ ଡାକ୍ତରଙ୍କ ଆଶ୍ୟକତା ଥିବାବେଳେ ବର୍ତ୍ତମାନ କେବଳ ୮ଜଣ ଡାକ୍ତର ରହୁଛନ୍ତି । ସେ ପୁଣି ଜିଲ୍ଲାରେ ରହୁଥିବାବେଳେ ସପ୍ତାହରେ ପାଳି କରି ଆସୁଛନ୍ତି । ଏହା ସହ ଷ୍ଟାଫ୍ ନର୍ସଙ୍କ ଅଭାବରୁ ରୋଗୀଙ୍କୁ ବହୁ ସମୟରେ ସାମାନ୍ୟ ଇଞ୍ଜେକସନଟିଏ ମଧ୍ୟ ଦେବାକୁ ହେଲେ ନର୍ସଙ୍କର ଦେଖା ମିଳିନଥାଏ । ଆହୁରି ୮ଜଣ ନର୍ସଙ୍କର ଆଶ୍ୟକତା ରହିଛି ।

# ସମସ୍ୟାରେ ଘାଣ୍ଟି ହେଉଛନ୍ତି ଯୋଡ଼ା ଅଞ୍ଚଳବାସୀ

ଯୋଡ଼ା: କେନ୍ଦୁଝର ଜିଲ୍ଲା ଖଣି ଅଞ୍ଚଳ ମହା ଦୁର୍ଦ୍ଦଶାରେ ଘାଣ୍ଟି ଚକଟି ହେଉଛନ୍ତି ଅଞ୍ଚଳବାସୀ । ଓଡ଼ିଶାର ସବୁଠାରୁ ଧନୀ ଜିଲ୍ଲା ବୋଲାଉଥିବା କେନ୍ଦୁଝର ଜିଲ୍ଲା। କେନ୍ଦୁଝର ଜିଲ୍ଲାରୁ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍ଷ ଲକ୍ଷ କୋଟି କୋଟି ଟଙ୍କା ରାଜ୍ୟସ୍ୱ ଆଦାୟ କରୁଛନ୍ତି । କିନ୍ତୁ ଦୁଃଖର ବିଷୟ କେନ୍ଦୁଝର ଜିଲ୍ଲାର ଖଣି ଅଞ୍ଚଳର ଲୋକଙ୍କ ଅବସ୍ଥା ପୂର୍ବରୁ ଯେମିତି ଥିଲା ବର୍ତ୍ତମାନ ମଧ୍ୟ ସେଇଅବସ୍ଥା । କିଛିବର୍ଷ ପୂର୍ବେ କେନ୍ଦୁଝର ଜିଲ୍ଲାକୁ ଭାରତର ସବୁଠାରୁ ବଡ଼ ବଡ଼ ଖଣି କମ୍ପାନୀ ତାଙ୍କ ଖଣି ଖନନ ପାଇଁ ଆସିଲେ ଓ ଆସିବା ପରେ ଅଞ୍ଚଳବାସିଙ୍କୁ ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଦେଲେ ଯେ ଆମେ ଖଣି ଅଞ୍ଚଳକୁ ରୂପାନ୍ତରଣ କରି ଏକ ସୁନ୍ଦର ସହରରେ ପରିବର୍ତ୍ତନ କରିବୁ । ଅଞ୍ଚଳର ବିକାଶ କରିବୁ, ବେରୋଜଗାରଙ୍କୁ ରୋଜଗାର ଦେବୁ । ଅଞ୍ଚଳର ଗରିବିକୁ ସମ୍ପୂର୍ଣ୍ଣ ଭାବେ ଲୋପ କରିଦେବୁ । ଏମିତି ଅନେକ ପ୍ରକାର ମିଛ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ବାସ୍ତବରେ କେନ୍ଦୁଝର ଜିଲ୍ଲାର ଖଣି ଅଞ୍ଚଳ ପୂର୍ବରୁ ଯେମିତି ଥିଲା



ଆଜି ବି ସେମିତି ହିଁ ଅଛି । ଆଜି ଖଣି ଅଞ୍ଚଳରେ ଦି ମୁଠା ଖାଇବା ପାଇଁ ଅନେକ ଏଠାରେ ସଂଘର୍ଷ କରୁଛନ୍ତି । ମୁଣ୍ଡ ଗୁଞ୍ଜିବା ପାଇଁ ଭଲ ଘରଟିଏ ଗଢି ପାରୁ ନାହାଁନ୍ତି। ଅନେକ ଯୁବକ ଯୁବତୀ ପାଠପଢି ଚାକିରୀ ପାଇଁ ବାରମ୍ବାର କମ୍ପାନୀ ପାଖକୁ ଦୌଡ଼ିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ରୋକ ଠୋକ ମନା କରିଦେଇଛନ୍ତି । ଆମେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେଇପାରିବୁ ନାହିଁ ବୋଲି । ଏପଟେ ଖଣି ଅଞ୍ଚଳର ଦାଉରେ ଥିବା ନେତାମାନେ ନୀରବ । ବର୍ତ୍ତମାନ ଖଣି ଅଞ୍ଚଳର ଛାତ୍ର ଛାତ୍ରୀଙ୍କ ଅଭିଭାବକଙ୍କ ମନରେ ମଧ୍ୟ ଚିନ୍ତାର ଚଡକ ବାଜିଲାଣି ଯେ ନିଜ ପିଲାଙ୍କୁ ପାଠ ସିନା ପଢ଼ାଉଛୁ କିନ୍ତୁ ଭବିଷ୍ୟତରେ ପିଲା ମାନେ ଚାକିରୀ ପାଇବେ ତ ? ଖଣି ଅଞ୍ଚଳର ଆଦିବାସୀ ଲୋକେ ବର୍ତ୍ତମାନ ଜଙ୍ଗଲରୁ ଜାଳେଣି କାଠ ବିକ୍ରି କରୁଥିବା ଓ ବର୍ତ୍ତମାନ ମହୁଲ ଗଛରୁ ମହୁଲ ଫୁଲ ସଂଗ୍ରହକରି ନିଜର ଗୁଜୁରାଣ ମେଣ୍ଟାଉ ଥିବା ଦେଖିବାକୁ ମିଳୁଛି । କେନ୍ଦୁଝର ଜିଲ୍ଲାର ସମ୍ପୂର୍ଣ୍ଣ ଯୋଡ଼ା ବ୍ଲକ ଅଞ୍ଚଳରେ ଖଣି ଖାଦାନ ଓ କାରଖାନାରେ ପରିପୂର୍ଣ୍ଣ ଅଛି । କିନ୍ତୁ କାହିଁକି କମ୍ପାନୀ ଅଧିକାରୀ ଏହି ଅଞ୍ଚଳର ବିକାଶ କରୁନାହାନ୍ତି ? କାହିଁକି ଅଞ୍ଚଳର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦିଆଯାଉ ନାହିଁ ? ଏନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ବ୍ୟାଙ୍କ୍ ନିକଟରୁ ଲୁଟ୍: କେସିଙ୍ଗାରୁ ଲୁଟେରାଙ୍କୁ କାବୁକଲା ପୋଲିସ୍

କନ୍ଧମାଳ: କନ୍ଧମାଳ ଜିଲ୍ଲା ଫୁଲବାଣୀ ସହର ଆକ୍ସିସ ବ୍ୟାଙ୍କ୍ ନିକଟରୁ ୧୭ ଲକ୍ଷ ୫୦ ହଜାର ଟଙ୍କା ଲୁଟ୍ ଘଟଣାରେ କନ୍ଧମାଳ ଜିଲ୍ଲା ପୋଲିସ୍ କଳାହାଣ୍ଡି ପୋଲିସ୍ ସହାୟତାରେ ଲୁଟେରା ଗ୍ୟାଙ୍ଗ୍‌କୁ କେସିଙ୍ଗା ନିକଟରୁ ଧରିଛି । ଏହି ଘଟଣାରେ ମୋଟ ୬ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ଗଞ୍ଜାମ ଜିଲ୍ଲା ଆସିକା ଥାନା ପକଳାପାଲି ଅଞ୍ଚଳର ଏ.କିଶୋର, ଏ.ଶ୍ରୀକାନ୍ତ, ଆଇବି କ୍ୟାମ୍ପ ଅଞ୍ଚଳର ଏ.ହରି, ଆଙ୍କଟେସ, କିଶୋରଙ୍କ ମାଆ ଏମ୍.ଲିଲି, ହରିଙ୍କ ବାପା ଏମ୍.ପାଣ୍ଡୁ, ଆସିକା ଅଞ୍ଚଳର ସରସ୍ୱତୀ,ସରଣା ଦାସ, କାର୍ ଡ୍ରାଇଭର ଲିଟୁ ଗୌଡ଼ ବୋଲି ଏସ୍‌ପି ଶୁଭେନ୍ଦୁ ପାତ୍ର ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ଗତ ୩ ତାରିଖରେ ଜଣେ ବ୍ୟବସାୟୀଙ୍କ ଠାରୁ ଲୁଟେରାମାନେ ଲୁଟ୍ କରଥିଲେ। ଟାଉନ ଥାନା ପୋଲିସ୍ ସହରର ବିଭିନ୍ନ ସିସିଟିଭ ଫୁଟେଜ୍‌କୁ ଆଧାର କରି ତଦନ୍ତ ଆରମ୍ଭ କରିଥିଲା। ଲୁଟେରାମାନେ ଗୋଚ୍ଛାପଡ଼ା ଆଡ଼େ ଯାଉଥିବା ବେଳେ ପୋଲିସ୍ ଚେକିଂ କରୁଥିବା ଦେଖି ଲୁଟେରାମାନେ ଗାଡ଼ି ବୁଲାଇ ଖଜୁରୀଗାଁ ରାସ୍ତା ଦେଇ ପଳାଇବାକୁ ଉଦ୍ୟମ କରିଥିଲେ । ହେଲେ ବାଟ ନପାଇ ସେଠାରେ ବାଇକ୍ ଫିଙ୍ଗି ଜଙ୍ଗଲ ମଧ୍ୟକୁ ଚାଲି ଯାଇଥିଲେ । ପୋଲିସ୍ ସେମାନଙ୍କୁ ଚାରିଆଡୁ ଘେରି ରହିଥିଲା ମଙ୍ଗଳବାର ସନ୍ଧ୍ୟାରେ ଆସିକା ଅଞ୍ଚଳରୁ ଏକ କାରରେ ସେମାନେ ଖସି ଯାଇଥିଲେ । ପୋଲିସ୍ ଏହି ଖବର ପାଇବା ପରେ ସେମାନଙ୍କୁ ପିଛା କରିଥିଲା । ଗାଡ଼ିଟି କଳାହାଣ୍ଡି ଜିଲା କେସିଙ୍ଗା ଆଡ଼କୁ ଯାଉଥିବା ଦେଖି କେସିଙ୍ଗା ପୋଲିସକୁ ଖବର ଦିଆ ଯାଇଥିଲା । ରାତି ୧୦ଟାରେ ପୋଲିସ୍ ଏହି ଲୁଟେରା ଗ୍ୟାଙ୍ଗ୍‌କୁ ଧରିଥିଲା । ସେମାନଙ୍କ ପାଖରୁ ଲୁଟ୍ ହୋଇଥିବା ସମସ୍ତ ଟଙ୍କା, ୭ଟି ଫୋନ୍, ଡିକି ଭାଙ୍ଗିବାକୁ ଚାବି, କାର୍, ବାଇକ ଜବତ କରାଯାଇଛି। ଏମାନଙ୍କ ନାମରେ ସମ୍ବଲପୁର, ପୁରୀ, ନୟାଗଡ଼, ଭଦ୍ରକ, ବିହାର ଆଦି ଅଞ୍ଚଳରେ ମାମଲା ରହିଛି । ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି କହିଛନ୍ତି । ଏନେଇ ଫୁଲବାଣୀ ଟାଉନ ଥାନାରେ ୮୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଅବ୍ୟାହତ ରହିଛି । ଏହି ଖବର ଦାତା ସମ୍ମିଳନୀରେ ଫୁଲବାଣୀ ଏସ୍‌ଡିପିଓ ସୁପ୍ରଶନ୍ନ ମଲ୍ଲିକ, ଥାନାଧିକାରୀ ଅଶୋକ କୁମାର ଗିରି, ଗୋଚ୍ଛପଡ଼ା ଥାନାଧିକାରୀ ରଞ୍ଜିତ କୁମାର ମୁନୀଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଗଣ ଉପସ୍ଥିତ ଥିଲେ ।

## ଶିକ୍ଷା

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।




## Correction of Errors

Wrong : I am waiting here for three hours.
Right : I have been waiting here for three hours.
Wrong : She had known it after you informed her.
Right : She knew it after you had informed her.
Wrong : Two hundred rupees are not a big amount.
Right : Two hundred rupees is not a big amount.
Wrong : The number of students in the meeting are very poor.
Right : The number of students in the meeting is very poor.
Wrong : A number of students is writing the examination.
Right : A number of students are writing the examination.
Wrong : The house next to us belongs to a farmer.
Right : The house next to ours belongs to a farmer
Wrong : Something dangerous may happen to you.
Right : Something dangerous might happen to you.
Wrong : We need more ideal teachers.
Right : We need ideal teachers.('ideal'has no degrees like comparative and superlative)
Wrong : A bird at hand is worth two in the bush.
Right : A bird in hand is worth two in the bush.
Wrong : Gokul has not been doing his work yet.
Right : Gokul has not done his work yet.



# ଏଠି ବିକାଶ ହେଉଛି ସାତ ସପନ

ବଲାଙ୍ଗିର: ରାଜ୍ୟ ସରକାର ଆମ ଗାଁ ଆମ ବିକାଶ ର କଥା କହୁଛନ୍ତି ହେଲେ ଏଠି ବିକାଶ ପାଲଟିଛି ସାତ ସପନ । ଗାଁ କୁ ପକ୍କା ରାସ୍ତା ନ ଥିବା ବେଳେ ପାଣି ସମସ୍ୟା କଥା ନ କହିଲେ ଭଲ । ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଘୁନସର ପଞ୍ଚାୟତ ଦେଉଳି ଗାଁ ହେଉଛି ଏକ ଦୁର୍ଗମ ଅଞ୍ଚଳ । ଜଙ୍ଗଲ ଘେରା ଗାଁରେ ଏବେବି ବିକାଶ ପାଲଟିଛି ସାତ ସପନ। ଘୁନସର ମୁଖ୍ୟ ରାସ୍ତାରୁ ଦେଉଳି ଗାଁ ପର୍ଯ୍ୟନ୍ତ ପକ୍କା ରାସ୍ତା ନ ଥିବା ବେଳେ ଲୋକେ ନାହିଁ  ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରତ୍ୟେକ ଦିନ କଲେଜ ଛାତ୍ରଛାତ୍ରୀ ସମେତ ଅନେକ ଲୋକ ଯାତାୟତ କରନ୍ତି । ଏହି ଗାଁରେ ପ୍ରାୟ ୨୦୦ ପରିବାର ବସବାସ କରନ୍ତି । ୨ ଟି ନଳକୂପ ରହିଛି ହେଲେ ଭଲ ପାଣି ମିଳିପାରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି । ଗାଁ ଲୋକଙ୍କ ମନରେ ମଧ ଅନେକ ଆଶା ବିଶ୍ୱାସ ଥିଲା ସରକାର ଗାଁର ଉନ୍ନତି କରିବେ ହେଲେ ମୌଳିକ ସୁବିଧାରୁ ଏବେ ବି ବଞ୍ଚିତ । ଗାଁ ରେ ଏକ ସ୍କୁଲ ରହି ଥିବା ବେଳେ କମ ଛାତ୍ରଛାତ୍ରୀ ହେବା ଯୋଗୁଁ ସ୍କୁଲ ମଧ ବନ୍ଦ ହୋଇ ଗଲା । ଫଳରେ ଅନେକ ପିଲା ପାଠପଢା ବନ୍ଦ କରିଦେଇ ଥିବା ବେଳେ କିଛି ପିଲା ବିପଦସଙ୍କୁଳ ଜଙ୍ଗଲ ରାସ୍ତା ଦେଇ ପାଠ ପଢିବା ପାଇଁ ଆସନ୍ତି । ଗାଁ ଲୋକଙ୍କୁ ଭଲ ପାଣି ମିଳିବ ବୋଲି ପାଇପ ସଂଯୋଗ ହେଲା ହେଲେ ପାଣି ମୁନ୍ଦାଏ ମଧ ମିଳି ପାରି ନାହିଁ । ପ୍ରଧାନମନ୍ତ୍ରୀ ଆବାସ ଘର ଏହି ଗାଁ ଲୋକଙ୍କୁ ଅଭିଶାପ ପାଲଟିଛି ଯାହା ଫଳରେ ମାଟି ଘରେ ବିତୁଛି ଅନେକ ଲୋକଙ୍କ ଜୀବନ। ଭଲ ରାସ୍ତା, ପାନୀୟ ଜଳ ବ୍ୟବସ୍ଥା, ସ୍କୁଲ୍‌ର ବ୍ୟବସ୍ଥା କେବେ ରାଜ୍ୟ ସରକାର କରୁଛନ୍ତି ଏବଂ ତାଙ୍କର ଦୁଃଖ ଦୂର କେବେ ହେବ ତାହା ଦେଖିବାକୁ ବାକି ରହିଲା ।

# ବୌଦ୍ଧ କୁଲାରିକୁଦ ଠାରେ ହେବ ଇକୋ ଟୁରିଜିମ୍

ବୌଦ୍ଧ: ବୌଦ୍ଧ ବିକାଶରେ ଆଉପାଦେ ଆଗେଇଲା। ବୌଦ୍ଧଗଡ ବିଜ୍ଞାପିତଅଞ୍ଚଳ ପାରିଷଦର ମର୍ଯାକୁଦ ଠାରେ ଥିବା କୁଲାରିକୁଦରେ ଇକୋ ଟୁରିଜିଜମ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନକଲେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ । ଗୁରୁବାର ଦିନ କୁଲାରୀକୁଦଠାରେ ଇକୋ ପର୍ଯ୍ୟଟନର ବିକାଶ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଜିଲାପାଳ ସତ୍ୟରଞ୍ଜନ ସାହୁ, ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର,ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ,ବୌଦ୍ଧ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରଭାତ ଦାସ  ପ୍ରମୁଖ ଯୋଗଦେଇଥିଲେ । ଜଙ୍ଗଲ ବିଭାଗ ପକ୍ଷରୁ କୁଲାରୀକୁଦରେ ଇକୋ ପର୍ଯ୍ୟଟନ ବିକାଶ ପାଇଁ ପ୍ରାରମ୍ଭିକ ଭାବରେ ୧କୋଟି ୪୭ ଲକ୍ଷ ଟଙ୍କାର




ଅନୁଦାନ ଯୋଗାଇ ଦିଆଯାଇ ଥିବାବେଳେ ଜିଲା ପୁର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ଓ ଜଳସଂପଦ ବିଭାଗ ପକ୍ଷରୁ ନଦୀକୂଳର ସୁରକ୍ଷା ପାଇଁ ପଥର ବନ୍ଧ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି । କୁଲାରୀକୁଦର ବିକାଶ ହେଲେ ଏହା ଜିଲାକୁ ଆସୁଥିବା ପର୍ଯ୍ୟଟକ ମାନଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ ରହିବ।

# ସମଗ୍ର ଜିଲ୍ଲାରେ ଶିକ୍ଷା ପାଇଁ ଗଡିଲା ସଚେତନତା ରଥ

ନବରଙ୍ଗପୁର: ଚଳିତ ଶିକ୍ଷାବର୍ଷ ୨୦୨୩-୨୪ ପାଇଁ ନବରଙ୍ଗପୁର ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଦୈନିକ ଛାତ୍ର ଛାତ୍ରୀଙ୍କ ଶତପ୍ରତିଶତ ଉପସ୍ଥାନ କିପରି ଅଭିବୃଦ୍ଧି ହୋଇପାରିବ । ମୋ ପିଲା ସ୍କୁଲଯିବ, ଆମେ ପଢିବା, ଆମେ ଗଢ଼ିବା ଓ ଶ୍ରେଷ୍ଠ ହେବା ମହତ ଉଦ୍ଦେଶ୍ୟ ନେଇ ଶିକ୍ଷାପାଇଁ ନିଜ ପିଲା ମାନଙ୍କୁ ମାଆ ବାପାମାନେ ଯେପରି ସ୍କୁଲ ପଠାଇବେ ସେଥି ନିମନ୍ତେ ସମଗ୍ର ଜିଲ୍ଲାରେ ଶିକ୍ଷା ସଚେତନତା  ସୃଷ୍ଟି କରିବାପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମଗ୍ରଶିକ୍ଷା ଆନୁକୁଲ୍ୟରେ  ଦଶଗୋଟି ଶିକ୍ଷା ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରୁ ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ସବୁଜ ପତାକା ଦେଖାଇ ଏହି ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥଲେ । ଏହିରଥ ଜିଲ୍ଲାର ଦଶଗୋଟି ବ୍ଲକ୍ ଅଧିନରେ ଥିବା ସମସ୍ତ ଗ୍ରାମପଞ୍ଚାୟତ ପରିକ୍ରମା କରି ଶିକ୍ଷା ସଚେତନତା ବାର୍ତ୍ତାର ପ୍ରସାର ପ୍ରଚାର ଆସନ୍ତା ୧୨ ଏପ୍ରିଲ ପର୍ଯ୍ୟନ୍ତ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନାଗ ସୂଚନା ଦେଇଛନ୍ତି । ଚଳିତ ଶିକ୍ଷା ବର୍ଷରେ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଦୈନିକ ଛାତ୍ର ଛାତ୍ରୀଙ୍କ ଶତପ୍ରତିଶତ ଉପସ୍ଥାନ କିପରି ଅଭିବୃଦ୍ଧି ହୋଇପାରିବ ସେଥି ନିମନ୍ତେ ସମଗ୍ର ଜିଲ୍ଲା ଶିକ୍ଷା ସଚେତନତା ରଥ ପରିକ୍ରମା କରିବା ଏକ ଅଭିନବ ପ୍ରୟାସ ବୋଲି ଜିଲ୍ଲାପାଳ ଡକ୍ଟର ମିଶ୍ର କହିଥିଲେ ଏଂ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ୍, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ ।

# ଶ୍ରୀଜୀଉଙ୍କ ରଥପାଇଁ ବୌଦ୍ଧ ଜଙ୍ଗଲରୁ ଗଲା ରଥକାଠ



ବୌଦ୍ଧ: ପ୍ରତିବର୍ଷ ପରି ଚଳିତବର୍ଷ ମଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ବୌଦ୍ଧ ଜିଲ୍ଲାରୁ ଗଲା ରଥକାଠ । ବୌଦ୍ଧ ଜିଲ୍ଲା କଣ୍ଟାମାଲ ରେଞ୍ଜ ମତାକୁପା ସଂରକ୍ଷିତ ଜଙ୍ଗଲରୁ  ୪୦ ଫୁଟ୍ ଲମ୍ବର ୨୮ ଖଣ୍ଡ ଧଉରା ଏକ ଟ୍ରକ୍ ଯୋଗେ ବୌଦ୍ଧ ବନବିଭାଗ କାର୍ଯ୍ୟାଳୟରେ ପହଞ୍ଚିବା ପରେ ରୀତିକାନ୍ତି  ଅନୁଯାୟୀ ପୂଜାର୍ଚ୍ଚନା ପୂର୍ବକ ଘଣ୍ଟ ଶଙ୍ଖ ସଂକୀର୍ତ୍ତନ ସହ ପୂଜାର୍ଚ୍ଚନା କରାଯାଇଥିଲା । ପରେ  ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସବୁଜ ପତାକା ଦେଖାଇ କାଠ ଟ୍ରକ୍‌କୁ ଶ୍ରୀକ୍ଷେତ୍ର ଅଭିମୁଖେ ଯିବାପାଇଁ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ଜିଲ୍ଲାପାଳ ସତ୍ୟରଞ୍ଜନ ସାହୁ , ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ,ଏନ୍‌ଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର,ଏସିଏଫ୍ ଆଶିଷ କୁମାର କଂହର, କଣ୍ଟାମାଲ ରେଞ୍ଜର ଖୁରାଧି ପ୍ରଧାନ ଓ ବୌଦ୍ଧ ରେଞ୍ଜର ନିହାର ମଳିକ ସମେତ ସମସ୍ତ ବନ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଚଳିବ ବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରା ରଥ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ୭୪୭ ଖଣ୍ଡ କାଠରୁ ବୌଦ୍ଧରୁ ୩୦୩ ଖଣ୍ଡ ଯାଉଥିବା ବେଳେ ଆଜି ପ୍ରଥମ ପର୍ଯ୍ୟାୟରେ ୨୮ଖଣ୍ଡ କାଠ ପଠାଇ ଦିଆଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଲୋକସେବକଙ୍କୁ ଏ କି...

ଅତ୍ୟନ୍ତ ସରଳ ଜୀବନ ଯାପନ କରୁଥିଲେ । କିନ୍ତୁ ପ୍ରଶାସନ ସ୍ୱର୍ଗତ ଚୌଧୁରୀଙ୍କୁ ନବାବ ଢାଞ୍ଚାରେ ଫୁଲ୍ ପ୍ୟାଣ୍ଟ ସାର୍ଟ ପିନ୍ଧାଇ ଦେଇଥିଲେ। ଅନୁଗୁଳର ବହୁ ଗାନ୍ଧିବାଦୀ, ବୁଦ୍ଧିଜୀବୀ ଏବଂ ସ୍ୱର୍ଗତ ଚୌଧୁରୀଙ୍କ ସହ ମିଶି କାମ କରିଥିବା ବ୍ୟକ୍ତିମାନଙ୍କୁ ଏହା ଖୁବ ବ୍ୟଥିତ କରିଥିଲା । ଏହାକୁ ନେଇ ସାରା ରାଜ୍ୟରେ ବିବାଦ ମୁଣ୍ଡ ଟେକିଲା। ଫଳରେ ପ୍ରଶାସନ ତରଫରୁ ଏହି ପ୍ରତିମୂର୍ତ୍ତିକୁ ହଟାଇ ଦିଆଗଲା । ସେହି ସ୍ଥାନରେ ତରବରିଆ ଭାବେ ଆଉ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା । ସେଥିରେ ସ୍ୱର୍ଗତ ଚୌଧୁରୀଙ୍କୁ ଧୋତି ପିନ୍ଧା ଯାଇଥିଲେ ମଧ ବେଙ୍ଗଲି ଢାଞ୍ଚାରେ ପାଦ ପର୍ଯ୍ୟନ୍ତ ଧୋତି ପିନ୍ଧା ଯାଇଥିଲା । ପ୍ରକୃତରେ ସ୍ୱର୍ଗତ ଚୌଧୁରୀ ଆଣ୍ଠୁ ପର୍ଯ୍ୟନ୍ତ ଖଦଡ଼ ଏବଂ ଏକ ଫତେଇ ପରିଧାନ କରୁଥିଲେ । ଏହାକୁ ମଧ ବିରୋଧ କରାଗଲା । ବାରମ୍ବାର ଏଭଳି ଜଣେ ବ୍ୟକ୍ତିଙ୍କୁ ଅଟହାସ୍ୟ କରା ଯାଉଛି ବୋଲି ଅଭିଯୋଗ କରାଗଲା। ଫଳରେ ଗୋଟିଏ ଦିନ ପରେ ଦ୍ୱିତୀୟ ଥର ସ୍ଥାପନ କରା ଯାଇଥିବା ପ୍ରତିମୂର୍ତ୍ତିକୁ ମଧ ହଟାଇ ଦିଆଗଲା । ଏବେ ସେହି ସ୍ଥାନଟି ଖାଲି ପଡ଼ିଛି । ଓଡ଼ିଶାର ଗର୍ବ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କୁ ବାରମ୍ବାର ଅସମ୍ମାନ କରାଯାଉଛି । ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ପୂର୍ବରୁ ପ୍ରଶାସନ ତରଫରୁ ଏକ କମିଟି ଗଠନ କରିବା କଥା । ଏପରିକି ବାଜି ରାଉତ ଛାତ୍ରାବାସରେ ରହୁଥିବା ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ କନ୍ୟା କ୍ରିଷ୍ଣା ମହାନ୍ତିଙ୍କ ସହ ଯୋଗାଯୋଗ କରି ସଠିକ ତଥ୍ୟ ନେବା ଆବଶ୍ୟକ । କିନ୍ତୁ ପ୍ରଶାସନ କିଛି ନକରି ମନଇଚ୍ଛା ସ୍ୱର୍ଗତ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ତିଆରି କରି ସ୍ଥାପନ କରିଥିଲା । ଫଳରେ ଏଭଳି ଭୁଲ ହେଲା । ବାରମ୍ବାର ଭୁଲ କରି ପ୍ରତିମୂର୍ତ୍ତି ବଦଳାଇବା ଯୋଗୁ ସ୍ୱର୍ଗତ ଚୌଧୁରୀଙ୍କ ସମ୍ମାନରେ ଆଞ୍ଚ ଆସୁଛି । ଏ ସମସ୍ତ କଥାକୁ ଭିତ୍ତି କରି ଅନୁଗୁଳର କିଛି ସ୍ୱାଭିମାନ ଯୁବକ ଥାନାରେ ଏତଲା ମଧ ଦେଇଛନ୍ତି । ସ୍ୱର୍ଗତ ଚୌଧୁରୀଙ୍କ ସହ ମିଶି କାମ କରିଥିବା ଗାନ୍ଧିବାଦୀ ମାନେ ଯିଏ ଏମିତି ଭୁଲ କରିଛି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । କିନ୍ତୁ ପ୍ରଶାସନ ତରଫରୁ ଏହାକୁ ଭୁଲ ହୋଇଥିବା ସ୍ୱୀକାର କରା ଯାଇଛି । ଜିଲ୍ଲାପାଳ ନିଜେ ଭୁଲ ସ୍ୱୀକାର କରିଛନ୍ତି । ଆଗକୁ ଏଭଳି ଭୁଲ ଆଉ ହେବ ନାହିଁ । ସଠିକ ଏବଂ ନିର୍ଭୁଲ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଜିଲ୍ଲାପାଳ କହିଛନ୍ତି । ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଅତ୍ୟନ୍ତ ସରଳ ଜୀବନ ଯାପନ କରୁଥିଲେ । ପିଲାଟି ଦିନରୁ ତାଙ୍କର ପରିଧାନ ଖଦଡ଼ ବସ୍ତ୍ର ଥିଲା । କିନ୍ତୁ ଅନୁଗୁଳ ଜିଲ୍ଲା ପ୍ରଶାସନର ତାଙ୍କର ସରଳତାକୁ ଦୃଷ୍ଟି ଆଢୁଆଳରେ ରଖି ଯେଉଁଭଳି ବିକୃତ କଲେ ତାହା ନିଶ୍ଚିତ ଭାବେ ଅକ୍ଷମଣୀୟ ଅପରାଧ ।

### ନିର୍ବାଚନ ପୂର୍ବରୁ....

ନୟାଗଡ, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ଅଭିଯୋଗ ରହିଛି। କନ୍ଧମାଳ ଦାରିଙ୍ଗବାଡ଼ିରେ ଆଇ-ଟି ଅଧିକାରୀ ଡେରା ପକାଇ ତ୍ରିଶକ୍ତି କନଷ୍ଟ୍ରକସନ୍ ନାମକ ଏକ  ଠିକା କମ୍ପାନୀ ଉପରେ ଚଢଉ କରିଛନ୍ତି । ସମ୍ବଲପୁରର ଜଣେ ପଥର କ୍ରସର୍ ମାଲିକ ଓ ତାଙ୍କର ବିଜେନେସ୍ ପାର୍ଟନରଙ୍କ ଉପରେ ବି ହୋଇଛି ରେଡ୍ ।ବାଲିଗୁଡ଼ାରେ ଛାପା ମାରିଛି ଆଇଟି । ଅପରପକ୍ଷେ ମଙ୍ଗଳବାର ଠାରୁ ରାଜ୍ୟ ସରକାରଙ୍କ ଜିଏସ୍‌ଟି ବିଭାଗ ଅନୁଗୁଳରେ କିଛି ବ୍ୟବସାୟୀଙ୍କ ପ୍ରତିଷ୍ଠାନରେ ରେଡ୍ କରିଛି । ନିର୍ବାଚନ ପୂର୍ବରୁ ଏଭଳି ରେଡ଼ ନେଇ ଉଭୟ ବିଜେପି ଏବଂ ବିଜେଡିକୁ ଦାୟୀ କରିଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ । ଯେଉଁମାନେ ଭୁଲ କରୁଛନ୍ତି ସେମାନଙ୍କୁ ଦଣ୍ଡ ବିଧାନ କରାଯାଉ । ହେଲେ କୌଣସି ଆକ୍ରୋଶମୂଳକ ଭାବେ ପ୍ରତିଶୋଧ ପରାୟଣ ହୋଇ ଏଭଳି ରେଡ୍ କରିବା ଠିକ ନୁହେଁ । ରାଜ୍ୟ ସରକାର କ୍ରାଇମବ୍ରାଞ୍ଚ ଓ କେନ୍ଦ୍ର ସରକାର ସିବିଆଇ, ଆଇଟି, ଇଡିର ଅପବ୍ୟବହାର କରିବା ଠିକ ନୁହେଁ ବୋଲି ସେ କହିଛନ୍ତି । ୨୦୧୯ ନିର୍ବାଚନ ପୂର୍ବରୁ ରାଜ୍ୟରେ ଏଭଳି ରେଡ୍ ରାଜନୀତି ଦେଖିବାକୁ ମିଳିଥିଲା। ସେହିଭଳି ପଦ୍ମପୁର ଉପନିର୍ବାଚନ ସମୟରେ ଦୁଇ ଦଳର ସମର୍ଥକଙ୍କ ଉପରେ ଚାଉ ହୋଇଥିଲା । ଆଗକୁ ଏହି ରେଡ୍ ରାଜନୀତି କେଉଁ ରୂପ ନେଉଛି ତା ଉପରେ ନଜର ।

### ଅନ୍ତର୍ଯ୍ୟାମୀ-ପଟାୟତ...

ଆଦି କ୍ଷେତ୍ରରେ ଅଧ୍ୟୟନ, ଗବେଷଣା, ପ୍ରବନ୍ଧ ଲିଖନ, ପୁସ୍ତକ ପ୍ରକାଶନ ଆଦିରେ ତାଙ୍କର ବଳିଷ୍ଠ ଯୋଗଦାନ ରହିଛି । ତାଙ୍କର ୩୦ ଖଣ୍ଡରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇଛି । ୨୦୧୯ ରେ ସେ ରାଷ୍ଟ୍ରପତି ପୁରସ୍କାରରେ ସମ୍ମାନିତ ହୋଇଥିଲେ।

ଏହାବ୍ୟତୀତ ଦିବଙ୍ଗତ କଣ୍ଠଶିଳ୍ପ ବାଣୀ ଜୟରାମଙ୍କୁ ପଦ୍ମଭୂଷଣ ଦିଆଯାଇଥିବାବେଳେ ତାଙ୍କ ଭଉଣୀ ଏହି ସମ୍ମାନ ଗ୍ରହଣ କରିଛନ୍ତି । ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମ ବିଭୂଷଣରେ ସମ୍ମାନିତ ହେଲେ ସୁଧା ମୂର୍ତ୍ତି । ସେହିଭଳି ସମାଜବାଦୀ ପାର୍ଟିର ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କୁ ମରଣୋତ୍ତର ପଦ୍ମ ବିଭୂଷଣ । ପୁରସ୍କାର ଗ୍ରହଣ କଲେ ତାଙ୍କ ପୁଅ ଅଖିଳେଶ ଯାଦବ । କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମଶ୍ରୀରେ ସମ୍ମାନିତ ହେଲେ ଅଭିନେତ୍ରୀ ରବିନା ଟଣ୍ଡନ। ସୂଚନାଯୋଗ୍ୟ, ପଦ୍ମ ପୁରସ୍କାର ବିଜେତାଙ୍କ ନାମ ଗତ ଜାନୁଆରୀ ୨୫ ତାରିଖରେ କେନ୍ଦ୍ର ସରକାର ଘୋଷଣା କରିଥିଲେ । ୬ ଜଣ ପଦ୍ମବିଭୂଷଣ, ୯ ଜଣ ପଦ୍ମଭୂଷଣ, ୯୧ ଜଣ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ । ସେଥିମଧ୍ୟରୁ ଓଡ଼ିଶାରୁ ୪ ଜଣଙ୍କ ନାମ ପଦ୍ମଶ୍ରୀ ପୁରସ୍କାର ପାଇଁ ଘୋଷଣା କରାଯାଇଥିଲା। ସାହିତ୍ୟ ଓ ଶିକ୍ଷା ପାଇଁ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ରଙ୍ଗବତୀର ଗାୟିକା କ୍ରିଷ୍ଣା ପଟେଲ ଓ କୃଷି ପାଇଁ ପଟାୟତ ସାହୁଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଛନ୍ତିଛ । ସେହିପରି କଣ୍ଢେଇ ନୃତ୍ୟ ପାଇଁ ପରିଚିତ ମାଗୁଣି ଚରଣ କୁଅଁର ରାଷ୍ଟ୍ରପତିଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରି ସାରିଛନ୍ତି ।

# ବଜାର ପାଉନି ପଣସ

## ଫଳିଲେ ଚିନ୍ତା, ନଫଳିଲେ ଚିନ୍ତା



ଆମ ରାଜ୍ୟର କୋରାପୁଟ, ରାୟଗଡା, କନ୍ଧମାଳ ସମ୍ବଲପୁର, ଦେଓଗଡ଼, ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ପ୍ରାକୃତିକ ଜଙ୍ଗଲ ଓ ଚାଷଜମିରେ ବ୍ୟାପକ ପରିମାଣର ପଣସ ଗଛ ଦେଖିବାକୁ ମିଳେ । ଆଦିବାସୀଙ୍କ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଜୀବନରେ ପଣସର ମୂଲ୍ୟ ଓ ଆକର୍ଷଣ କାହିଁ ରେ କଣ । କୋରାପୁଟ ଜିଲ୍ଲାର କାକିରିଗୁମା ଅଞ୍ଚଳ ମିଠା ଖଜରା ପଣସ ପାଇଁ ପ୍ରସିଦ୍ଧ । ଏହି ବ୍ଲକର ଏମିତି କେତେକ ଗାଁ ଅଛି ଯେଉଁଠି ବାରମାସୀ ପଣସ ହୋଇଥାଏ। କାକିରିଗୁମା ସମେତ ଜିଲ୍ଲାର ନାରାୟଣପାଟଣା ଓ ନନ୍ଦପୁର, ସେମିଲିଗୁଡା ଓ ପଟ୍ଟାଙ୍ଗି ବ୍ଲକର ଅନେକ ଗାଁରେ ପଣସ ଗଛର ବ୍ୟାପକତା ଦେଖିବାକୁ ମିଳିଥାଏ । ମୟୁରଭଞ୍ଜ, କେନ୍ଦୁଝର ଓ ଦେଓଗଡ଼ର ଜୁଆଙ୍ଗ ଜନବସତି ଅଞ୍ଚଳରେ ଲୋକେ ଯେଉଁଠି ଘର କରି ରହୁଥିଲେ ତାର ଆଖପାଖରେ ଆମ୍ବ, ମହୁଲ ଓ ପଣସ ଗଛ ଲଗାଉଥିଲେ । ବର୍ତ୍ତମାନର ପିଢ଼ି ଯଦିଓ ନୂଆ ପଣସ ଗଛ ଲଗାଉନାହାନ୍ତି। ଏହି ରସାଳ ମିଠା ଫଳଟି ଆଦିବାସୀଙ୍କୁ ଖାଦ୍ୟ, ପୁଷ୍ଟି ଏବଂ ନିଆରା ସ୍ୱାଦ ଯୋଗାଇ ଆସିଛି । ଜଙ୍ଗଲ ଭିତରେ ଏହି ଫଳ ହାତୀ, ଭାଲୁ ଏବଂ ପକ୍ଷୀ ମାନଙ୍କୁ ଆହାର ଯୋଗାଇଛି। ଗ୍ରୀଷ୍ମ ଋତୁ ଆରମ୍ଭରୁ କଞ୍ଚା ପଣସ ବ୍ୟାପକ ଭାବେ ଚାଲାଣ ହୋଇଥାଏ। କଞ୍ଚାରେ ପରିବା ଓ ପାଚିଲେ ଫଳ ଭାବେ ବ୍ୟବହୃତ ଏହି ଫଳ ସହରୀ ବାସିନ୍ଦାଙ୍କ ପାଇଁ ଲୋଭନୀୟ ହୋଇଥିବା ବେଳେ ପାହାଡି ଅଞ୍ଚଳରେ ଏହା ସଠିକ ମୂଲ୍ୟ ଆକଳିତ ହୋଇନି ।

ଏବେ ଯୁଆଡ଼େ ଦେଖିବେ ସିଆଡ଼େ ଖାଲି ପଣସ ଆଉ ପଣସ । ହେଲେ ବିକ୍ରି ହେଉନି । ଏତେ ଗୁଡାଏ ପଣସ ଫଳୁଛି ଯେ କିଣିବାକୁ ଗ୍ରାହକ ନାହାନ୍ତି । ବାଡ଼ିରେ ଫଳିଥିବା ଫଳକୁ ସଂରକ୍ଷିତ କରି ରଖିବାକୁ କୋଲ୍ଡ ଷ୍ଟୋରେଜ୍ ବି ନାହିଁ। ତେଣୁ ବାଧ ହୋଇ ବାହାର ରାଜ୍ୟର ବେପାରୀଙ୍କୁ କମ୍ ଦରରେ ପଣସ କଠା ବିକ୍ରି କରୁଛନ୍ତି ଚାଷୀ । ନିଜ ରାଜ୍ୟରେ କେହି ପଚାରୁନାହାନ୍ତି, ବାହାର ରାଜ୍ୟରେ ପ୍ରବଳ ଚାହିଦା । ଚାହିଦା ଏତେ ଯେ ଦିଲ୍ଲୀ, ମୁମ୍ବାଇ ପରି ମେଟ୍ରୋସିଟିକୁ ଅପର୍ଯ୍ୟାପ୍ତ ଭାବରେ ରପ୍ତାନୀ ହେଉଛି ପଣସ କଠା । ହେଲେ ଉଚିତ୍ ଦାମ ପାଉନାହାନ୍ତି ଚାଷୀ । ହେଲେ ଉପାୟ ବି କିଛି ନାହିଁ । ଜିନିଷ ରହି ନଷ୍ଟ ହେବା ଅପେକ୍ଷା କମ୍ ଦାମରେ ବିକ୍ରି କରିବାକୁ ବାଧ ହେଉଛି ଚାଷୀ ।

ଗଜପତି, ରାୟଗଡା କୋରାପୁଟ ଓ ମାଲକାନଗିରି ଅଞ୍ଚଳରେ କଞ୍ଚା ପଣସ ଗୋଟା ପ୍ରତି ୫ରୁ ୧୦ ଟଙ୍କା ଦରରେ ବ୍ୟବସାୟୀ ଓ ମଧ୍ୟସ୍ଥି କିଣି ଆଣି କେଜି ପ୍ରତି ୧୦୦ ଟଙ୍କା ଦରରେ କଞ୍ଚା ପଣସକୁ କାଟି ବିକ୍ରି କରିଥାନ୍ତି। ସାବିତ୍ରୀ ଓ ରଜରେ ଆଦିବାସୀ ଅଞ୍ଚଳରୁ ବ୍ୟାପକ ପରିମାଣର ପାଚିଲା ପଣସ ସହରାଞ୍ଚଳକୁ ଆସି ଗୋଟା ପ୍ରତି ୧୫୦ରୁ ୨୦୦ ଟଙ୍କାରେ ବିକ୍ରି ହୁଏ । ଆଦିବାସୀ ଅଞ୍ଚଳକୁ ବାଦ ଦେଲେ ଅନ୍ୟ ସବୁ ଅଞ୍ଚଳରେ ମଧ ବିଭିନ୍ନ ପ୍ରଜାତିର ପଣସ ଗଛ ଦେଖାଯାଏ । କଞ୍ଚା ପଣସରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ ହେଉଥିବା ବେଳେ ଏହାର ପାଚିଲା ଖୋସା ବା କୁଳ ଖିଆଯାଏ । ଆଦିବାସୀ ସାପ୍ତାହିକ ହାଟ ବଜାରରେ ପଣସ ମଞ୍ଜି କେଉଁଠି ମାଣ ୧୫ ଟଙ୍କାରେ ତ କୋଉଠି କେଜି ୩୦ ଟଙ୍କାରେ ବିକ୍ରି କରି ଆଦିବାସୀ ଏହି ଅର୍ଥରେ ତେଲଲୁଣ କିଣେ । ବିପୁଳ ମଞ୍ଜି ସଂଗ୍ରହ ହେଉଥିଲେ ହେଁ ରାଜ୍ୟ ସରକାର ଏହାର ପ୍ରକ୍ରିୟାକରଣ ପାଇଁ ସେଭଳି କିଛି ପଦକ୍ଷେପ ନେଇନାହାନ୍ତି ।

କନ୍ଧମାଳ ଜିଲ୍ଲାର ବିଭିନ୍ନ ବଣଜଙ୍ଗଲଠାରୁ ଆରମ୍ଭ କରି ରାସ୍ତାପାର୍ଶ୍ୱ ଏମିତିକି ଲୋକଙ୍କ ବାଡ଼ିବଗିଚାରେ ପ୍ରବଳ ପଣସ ଗଛ ଦେଖିବାକୁ ମିଳିଥାଏ । ଏସବୁ ପଣସ ଗଛ ପ୍ରାକୃତିକ ଉପାୟରେ ଉଠିଥାଏଛ ପ୍ରତିବର୍ଷ ଶହଶହ ଟନ୍ ପଣସ କନ୍ଧମାଳ ଜିଲ୍ଲାରୁ ଉତ୍ପାଦନ ହୋଇଥାଏ। ମାତ୍ର ଦୁଃଖର କଥା ଆଜିଯାଏ ପ୍ରଶାସନ ପକ୍ଷରୁ ପଣସର ମାର୍କେଟିଂ ଏବଂ ପ୍ରୋସେସିଂ ୟୁନିଟ୍‌ର ସୁବିଧା କରାଯାଇ ପାରୁନାହିଁ । ଫୁଲବାଣୀ ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ, କନ୍ଧମାଳର ବିଭିନ୍ନ ଜଙ୍ଗଲରେ ୯ରୁ ୧୦ ଲକ୍ଷ ପଣସ ଗଛ ରହିଛି । ଗୋଟିଏ ଗଛରୁ ଆନୁମାନିକ ୧୦୦ଟି (୫ କ୍ୱିଣ୍ଟାଲ) ପଣସ ଫଳିଥାଏ । ଏହି ହିସାବକୁ ବିଚାରକୁ ନେଲେ କନ୍ଧମାଳ ଜିଲ୍ଲାରେ ବାର୍ଷିକ ୨.୫ ଲକ୍ଷ ଟନ୍ ପଣସ ଉତ୍ପାଦିତ ହୋଇଥାଏ । ମାତ୍ର ଚଳିତବର୍ଷ ପଣସ ଉତ୍ପାଦନରେ କନ୍ଧମାଳ ଜିଲ୍ଲା ପୂର୍ବବର୍ଷମାନଙ୍କର ରେକର୍ଡ ଭାଙ୍ଗି ଦେଇଛି ।

### ଅବହେଳିତ ସୁପର ଫୁଡ

ତାମିଲନାଡୁ, କର୍ଣ୍ଣାଟକ ଓ କେରଳରେ ପଣସର ପ୍ରକ୍ରିୟାକରଣ ଶିଳ୍ପ ମୁଣ୍ଡ ଟେକି ଠିଆ ହୋଇଛି । କଞ୍ଚା ଓ ପାଚିଲା ପଣସରେ ଆଚାର, ଚିପ୍ସ ଓ କେକ ପ୍ରସ୍ତୁତ କରାଯାଇ ବିପଣନ ହୋଇଥାଏ । ଥାଇଲାଣ୍ଡ, ଭିଏତନାମ, ଶ୍ରୀଲଙ୍କା, କାମ୍ବୋଡ଼ିଆ ଭଳି ଦେଶ ବାଣିଜ୍ୟ ଓ ବେପାର ପାଇଁ ପଣସ ଗଛ ଲଗାଉଥିବା ବେଳେ ଆମ ରାଜ୍ୟରେ ପ୍ରାକୃତିକ ଭାବେ ସୃଷ୍ଟି ହୋଇଥିବା ପଣସ ଜଙ୍ଗଲର ମୂଲ୍ୟ ଆମେ ବୁଝିପାରୁ ନାହାନ୍ତି ଏହା ହିଁ ବିଡମ୍ବନା । ଆମର ଦୁଇଟି ପ୍ରଜାତିର ପଣସ ଅଛି । ଗୋଟିଏ ହେଉଛି କାଦୁଆ ଓ ଅନ୍ୟଟି ଖଜା । ବୃହତ ପରିମାଣରେ ପଣସକୁ କଲମୀକରଣ କରି ଲଗାଯିବାର ଆବଶ୍ୟକତା ରହିଛି । ରାଜ୍ୟରେ ପଣସକୁ ପ୍ରକ୍ରିୟାକରଣ କରାଯିବ ବୋଲି ସରକାର କହିଆସୁଛନ୍ତି । କିନ୍ତୁ ଏ ଦିଗରେ ପଦକ୍ଷେପ ସେମିତି କିଛି ଆଖିଦୃଶିଆ ହୋଇପାରୁ ନାହିଁ । କୋରାପୁଟ ବନଖଣ୍ଡ ଦ୍ୱାରା ଓରମାସ ସହାୟତାରେ ବୈପାରୀଗୁଡ଼ା ରେଞ୍ଜରେ ପରୀକ୍ଷାମୂଳକ ଭାବେ ପଣସରୁ ଚିପ୍ସ ପ୍ରସ୍ତୁତି ଆରମ୍ଭ ହୋଇଛିଛ ପ୍ରୋସେସିଂ କରି ଚିପ୍ସ ପ୍ରସ୍ତୁତ ପରେ ଓରମାସ୍ ସହାୟତାରେ ରାଜ୍ୟ ତଥା ରାଜ୍ୟ ବାହାରେ ବିକ୍ରି କରାଯାଉଛି । ଆଗାମୀ ଦିନରେ ପଣସ ମଞ୍ଜିରୁ କିପରି ଅଟା ପ୍ରସ୍ତୁତ ହେବ ସେଥିପାଇଁ ସରକାର ଏକ ପ୍ରୋସେସିଂ ୟୁନିଟ ପ୍ରସ୍ତୁତ କରିବାକୁ ଯୋଜନା କରୁଛନ୍ତି ।

ବନସୁରକ୍ଷା ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ବ୍ୟବହାର କରି ଏହି ସାମଗ୍ରୀ ପ୍ରସ୍ତୁତ କରିବାକୁ ସରକାର ଯୋଜନା କରୁଥିବା କହିଛନ୍ତି । କୋରାପୁଟ କଫି ଭଳି ପଣସକୁ ବ୍ରାଣ୍ଡିଂ କରିବାକୁ ସରକାର ଚିନ୍ତା କରିଛନ୍ତି ବୋଲି ଅନେକ ଥର ପ୍ରଚାର କରାଯାଇଥିବା ବେଳେ ବାସ୍ତବିକ ଏହାର ରୂପାୟନ ଆରମ୍ଭ ହୋଇନାହିଁ । ବିଭିନ୍ନ ଜିଲ୍ଲାରେ ଆଉଟଲେଟ କରି ପଣସ ଚିପ୍ସ ଓ ଅଟା ବିକ୍ରି କରାଯିବ। ସୂଚନାଯୋଗ୍ୟ ଯେ ଓଡ଼ିଶାରେ ବାର୍ଷିକ ୨ ଲକ୍ଷ ୩୨ ହଜାର ୭୯ ଟନ୍ ପଣସ ଉତ୍ପାଦନ ହୋଇଥାଏ । ପଣସ ଚିପ୍ସର ଦାମ୍ କିଲୋପ୍ରତି ୨୫୦ ଟଙ୍କା ଥିବା ବେଳେ ଅଟା କିଲୋପ୍ରତି ୬୦୦ ଟଙ୍କାରେ ବିକ୍ରି ହୋଇଥାଏ। କେରଳରେ ପ୍ରସ୍ତୁତ ପଣସ ଅଟା ବହୁମୂତ୍ର ରୋଗୀଙ୍କ ଦ୍ୱାରା ବ୍ୟାପକ ଆଦୃତ ହୋଇଥିବା ବେଳେ ଓଡ଼ିଶାରେ ସଂଗୃହୀତ ପଣସ ମଞ୍ଜି ଜଙ୍ଗଲ ଭିତରେ ଅଧେ ସଢୁଛି ଓ ବାକି ଅଧେ ହାଟରେ ଗ୍ରାହକଙ୍କ ଦୟା ଉପରେ ନିର୍ଭର କରୁଛି ।

Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ- ଡ. ଜ୍ୟୋତିର୍ମୟ ପଟ୍ଟନାୟକ